ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୩, ଭୁବନେଶ୍ୱର: ଅଗଷ୍ଟ ୨୫-୩୧, ୨୦୨୫ Vol-16, Issue-33, Bhubaneswar : August 25-31, 2025

RNI NO.ODIODI/2010/33715

# ନୂଆଦିଲ୍ଲୀରେ ଓଡ଼ିଶା ଭବନ : ୭ ମହଲା, ରହିବ ୪୫ କୋଠରୀ

ଭୁବନେଶ୍ୱର:ନୂଆଦିଲ୍ଲୀ ଚାଣକ୍ୟପୁରୀ ଅଞ୍ଚଳରେ ଓଡ଼ିଶା ଭବନ ହେବ ୭ ମହଲା। ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏ+୬ ଭବନ ନିର୍ମାଣ କରାଯିବ। ଏଥିରେ ମୋଟ୍ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷ ବି ରହିବ। ଭବନରେ ଓଡ଼ିଆ ଐତିହ୍ୟର ଝଲକ ରହିବ। ନୂଆଦିଲ୍ଲୀ ଭଳି ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟ୍‌ରେ ବି ଓଡ଼ିଶା ଭବନ କରିବାର ପ୍ରସ୍ତାବ ରହିଛି।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଏହା କହିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଓଡ଼ିଶା ଭବନର ପୁନଃ ନିର୍ମାଣ କରାଯାଉଛି। ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ ହେବ। ଏହି ନିର୍ମାଣ ପ୍ରକ୍ରିୟା ଧାର୍ଯ୍ୟ ସମୟରେ ଆରମ୍ଭ ହୋଇ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କ୍ୟାନସର୍ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା ରହିବା ଜରୁରୀ। ଏଥି ସହିତ ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଦର୍ଶାଳୁ ଯାଉଥିବାରୁ ଏବଂ ହାଇଦ୍ରାବାଦ ଏବଂ ସୁରଟ୍‌ରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ଉକ୍ତ ତିନି ସହରରେ ଓଡ଼ିଶା ଭବନ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ବି ହେବା ଦରକାର। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- କର୍ଣ୍ଣରୋଗ
- ବାସ୍ତୁଦୋଷ
- ରକ୍ତ ଜମାଟ
- ମନସୁନ୍ ଫୁଟ୍‌ୱେର୍

## ୮ ଜିଲ୍ଲାରେ ୧୮ ପ୍ରକଳ୍ପକୁ ମଞ୍ଜୁରୀ

# ୪୫୧୫ କୋଟି ନିବେଶ ମଞ୍ଜୁରୀ, ସୃଷ୍ଟିହେବ ୮୨୦୦ ନିଯୁକ୍ତି

**ଭୁବନେଶ୍ୱର:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୩୯ତମ ବୈଠକରେ ୪,୫୧୫ କୋଟିର ୧୮ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ସବୁ ଅନୁଗୁଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗଡ଼ା ଆଦି ୮ ଜିଲ୍ଲାରେ ୮୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ନିବେଶ ବ୍ୟାପକ କରି ସରକାର ରୋଜଗାର ସୃଷ୍ଟି ମାଧ୍ୟମରେ ଆର୍ଥିକ ବିକାଶ, ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବା ଓ ସମାନୁପାତିକ ଶିଳ୍ପର ବିକାଶ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ପ୍ରମୁଖ କ୍ଷେତ୍ର ମଧ୍ୟରେ ସବୁଜ ଉର୍ଜା ଓ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଆଇନକ୍ସ ସୋଲାର ଲିମିଟେଡ୍ ଢେଙ୍କାନାଳରେ ୨୮୩ କୋଟି ନିବେଶରେ ୫ ଜିଡବ୍ଲ୍ୟୁ ଏଚ୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ଆସେମ୍ବ୍ଲି ପ୍ଲାଣ୍ଟ ସ୍ଥାପନ କରି ୫୧ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ଯାଜପୁରରେ ୯୦ କୋଟିର ନିବେଶ ସହିତ ୧୫୦୦ ଏନ୍ ଏମ୍ କ୍ୟୁବ୍ ପ୍ରତି ଘଣ୍ଟାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତି ୟୁନିଟ୍ ପ୍ରତିଷ୍ଠା କରିବ, ସେଥିରେ ୮୯ ଜଣଙ୍କୁ ନିଯୁକ୍ତି ମିଳିବ। ରାୟପୁରର ସବୁଜ ଶକ୍ତି ସାମଗ୍ରୀ ପ୍ରସ୍ତୁତ କମ୍ପାନୀ ଗଞ୍ଜାମରେ ୭୫୦ କୋଟିର ନିବେଶ ସହ ୨ ଗିଗାୱାଟ୍ ସୋଲାର୍ ସେଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ ଯଦ୍ୱାରା ୫୧୫ ନିଯୁକ୍ତି ସୃଷ୍ଟିହେବ। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗ୍ରାଭିଟା ଇଣ୍ଡିଆ ଲିମିଟେଡ୍ ଅନୁଗୁଳରେ ଏକ ସମ୍ପୂର୍ଣ୍ଣ ପୁନଃ ବ୍ୟବହାର ୟୁନିଟ୍‌ରେ ୩୫୦ କୋଟି ନିବେଶ କରି ପରିଶୋଧିତ ଲିଡ୍, ମିଶ୍ରଧାତୁ, ପିପି ଗ୍ରାନୁଲ୍ ଉତ୍ପାଦନ କରିବ, ଯାହା ୨୭୦ ନିଯୁକ୍ତି ସୃଷ୍ଟି କରିବ। ଔଷଧ ଶିଳ୍ପରେ ଷ୍ଟାର୍ କ୍ୟାପ୍ ଗ୍ଲୋବାଲ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ଏକ ଫାର୍ମାସ୍ୟୁଟିକାଲ୍ ପ୍ରକଳ୍ପ ସ୍ଥାପନା କରିବାକୁ ଯାଉଥିବା ସୂଚନା ଦେଇଛି। ଏହି ପ୍ରକଳ୍ପରେ ୮୦ କୋଟିର ବିନିଯୋଗ ହେବ ଓ ଏହା ୧୪୫ ନିଯୁକ୍ତି ସୃଷ୍ଟି କରିବ। ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ପ୍ରସ୍ତାବନା ସହ ୩ ଟି ପ୍ରକଳ୍ପରେ ୩୬୩ କୋଟିରୁ ଅଧିକ ମୂଲ୍ୟର ନିବେଶ ହେବ। ପଦ୍ମା ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ୬୦ କୋଟି ନିବେଶ ତିନି ତାରକା ହୋଟେଲ ସ୍ଥାପନ କରିବ ଯାହା ଫଳରେ ୧୮୧ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏସ୍‌ଏନ୍‌ଏମ୍ ହୋଟେଲ ଏବଂ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ପ୍ରାୟ ୯୨ କୋଟିର ନିବେଶରେ ଏକ ଚାରିତାରକା ହୋଟେଲ୍ ସହିତ ରିସୋର୍ଟ ସୁବିଧା ବିକଶିତ କରିବ ଯାହା ୧୭୩ ଚାକିରି ସୃଷ୍ଟିକରିବ। ଯାହା ୩୦୦ ଚାକିରି ସୃଷ୍ଟି କରିବାକୁ ସାହାଯ୍ୟ କରିବ। ସାପିଏଣ୍ଟ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୁଳରେ ୭୦ କୋଟିର ନିବେଶ ସହିତ ଓପନର୍ ପ୍ରକଳ୍ପ ସ୍ଥାପନ କରିବ, ଯାହା ୩୦୦ ନିଯୁକ୍ତି ସୃଷ୍ଟି କରିବ।



ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ସାନକା ଅଟୋ କର୍ପ୍ ଲିମିଟେଡ୍ ଖୋରଧାରେ ଏକ ବିଦ୍ୟୁତ୍ ଯାନ ଉତ୍ପାଦନ ପ୍ରତିଷ୍ଠାନରେ ୩୦୦ କୋଟି ବିନିଯୋଗ କରିବ, ଯାହାର ବାର୍ଷିକ କ୍ଷମତା ୧୦,୦୦୦ ୟୁନିଟ୍ ହେବ ଏବଂ ଏହା ଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି କରିବ। ଡିଜିଟାଲ୍ ଏବଂ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଶ୍ରୀଟେକ୍ ଡାଟା ଲିମିଟେଡ୍ ଖୋର୍ଦ୍ଧାରେ ୫୦୧ କୋଟିର ବିନିଯୋଗ ସହିତ ଏକ ହାଇପର୍ ସ୍କେଲ୍ ଡାଟା ସେଣ୍ଟର୍ ସୁବିଧା ବିକଶିତ କରିବ, ଯାହା ଫଳରେ ୪୫୦ ନିଯୁକ୍ତି ସୃଷ୍ଟି କରିବ। ଓ୍ୱେଷ୍ଟ ଏଜ୍ ଡାଟା ସେଣ୍ଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୫୦.୫୦ କୋଟି ନିବେଶରେ ଏକ ଡାଟା ସେଣ୍ଟର୍ ଓ ସ୍ୟାଟେଲାଇଟ୍ ଇଣ୍ଟର୍ନେଟ୍ ସେବା ୟୁନିଟ୍ ସ୍ଥାପନା କରିବ, ଯାହା ୧୯୦ ଚାକିରି ସୃଷ୍ଟି କରିବ। ଖାଦ୍ୟ ଓ ପାନୀୟ ସେକ୍ଟରରେ ଇଲିକ୍ସିର୍ ଅଫ୍ ଇଷ୍ଟ ଦ' ଆର୍ଟିସାନ୍ ଡିଷ୍ଟିଲେରୀ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ଏକ ସ୍ପିରିଟ୍ ଉତ୍ପାଦନ ୟୁନିଟ୍‌ରେ ୯୩.୬୫ କୋଟି ନିବେଶ କରିବ, ଯାହା ଦ୍ୱାରା ୧୧୦ ନିଯୁକ୍ତି ସୃଷ୍ଟି କରିବ। ଏସୋସିଏଟେଡ୍ ଆଲକୋହଲସ୍ ଏବଂ ବ୍ରିୱେରିଜ୍ ଲିମିଟେଡ୍ ଖୋର୍ଦ୍ଧାରେ ୩୦୦ କୋଟିର ଏକ ୨୦୦ କେଏଲ୍‌ପିଡି ଗ୍ରେନ୍ ଭିତ୍ତିକ ଡିଷ୍ଟିଲେରୀ ସ୍ଥାପିତ କରିବାକୁ ଯାଉଛି, ଯାହା ୧,୮୧୨ ନିଯୁକ୍ତି ସୃଷ୍ଟି କରିବ।

# ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

## ୮୩୦୭.୭୪ କୋଟି ବ୍ୟୟରେ ୧୧୦ କିମି ରିଂ-ରୋଡ୍

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଦେଶର ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିରେ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ୮୩୦୭.୭୪ କୋଟି ଟଙ୍କା ବ୍ୟୟରେ ୧୧୦.୮୭୫ କିମି ଲମ୍ବର ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡ୍‌କୁ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚ୍‌ଏଏମ୍ ମାଧ୍ୟମରେ ନିର୍ମାଣ କରାଯିବ।

ସମ୍ପ୍ରତି ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ଜାତୀୟ ରାଜପଥ ତିନୋଟି ବଡ଼ ଜନବହୁଳ ସହର ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଦେଇଯାଇଛି। ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ପ୍ରବଳ ଭିଡ଼ ଏବଂ ଟ୍ରାଫିକ୍ ସମସ୍ୟା ଉତ୍ପନ୍ନ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଏକ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ଗ୍ରୀନ୍‌ଫିଲ୍ଡ ରାଜପଥ ପ୍ରକଳ୍ପ ବିକଶିତ କରିବା ଲାଗି ପ୍ରସ୍ତାବ ରହିଛି। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀ ବାଣିଜ୍ୟିକ ବାହନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନକରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବେ। ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିପାରିବ। ଏହାଦ୍ୱାରା ମାଲ ପରିବହନ କ୍ଷମତା ମଧ୍ୟ ବଢ଼ିବ, ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ। ନୂତନ ରାଜମାର୍ଗ ପ୍ରକଳ୍ପକୁ ଏପରି ଭାବେ ଡିଜାଇନ୍ କରାଯାଇଛି ଯେ ଏହା ତିନୋଟି ପ୍ରମୁଖ ଜାତୀୟ ରାଜପଥ (ଏନ୍‌ଏଚ୍-୫୫, ଏନ୍‌ଏଚ୍-୫୭ ଓ ଏନ୍‌ଏଚ୍-୬୫୫) ଏବଂ ଗୋଟିଏ ରାଜ୍ୟ ରାଜପଥ (ଏସ୍‌ଏଚ୍-୬୫)କୁ ପରସ୍ପର ସହ ଯୋଡ଼ିବ। ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳଷ୍ଟେସନ୍, ଗୋଟିଏ ବିମାନ ବନ୍ଦର, ଗୋଟିଏ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମ୍‌ଏମ୍‌ଏଲ୍‌ପି) ଏବଂ ଦୁଇଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇଦେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ। ସମ୍ପୂର୍ଣ୍ଣ ହେବା ପରେ ଏହି ବାଇପାସ୍ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ ହେବ। ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ, ଅଭିବୃଦ୍ଧି ଓ ସମୃଦ୍ଧି ଲାଗି ନୂତନ ମାର୍ଗ ଖୋଲିବ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପକ ୬ ଲେନ୍ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ ହାଇୱେ ଭାବରେ ବିକଶିତ କରାଯିବ।

# ବିନାଶ ରାସ୍ତାରେ ବିକାଶ

ବିକାଶ ଏବେ ଏକ ବହୁଳ ଉଚ୍ଚାରିତ ଓ ବହୁଳ ଅତ୍ୟାଚାରିତ ଶବ୍ଦ। ସାରା ଭାରତରେ (ଅବଶ୍ୟ ଦକ୍ଷିଣ ଭାରତରେ ଏହାର ପ୍ରତିଶବ୍ଦ ଥିବ) ଏହା ଏତେ ଗୁଞ୍ଜରିତ ଯେ ହୁଏତ ଅନେକେ ଭାବୁଥିବେ ଜୀବନର ମୋକ୍ଷ ପାଇଁ ଉଚ୍ଚାରିତ ମନ୍ତ୍ରର ଏହା ପ୍ରଥମ ଶବ୍ଦ !

ଏମିତି ଦେଖିଲେ ବିକାଶ ଚିନ୍ତା କିଛି ଖରାପ କଥା ନୁହେଁ, କିନ୍ତୁ ତାହା ଧାରଣକ୍ଷମ ହେବା ଉଚିତ। ବିକାଶ ତାହାର ଆନୁଷଙ୍ଗିକ ଶାଖା ପ୍ରଶାଖା ମେଲି ଏତେ ବିଶାଳ ରୂପ ନିଏ ଯେ ଏକ ସମୟରେ ସେ ତା’ ନିଜ ବୋଝରେ ଭାଙ୍ଗିପଡ଼େ। ବିଶ୍ୱର ଅନେକ ପ୍ରମୁଖ ସଭ୍ୟତା ସେତେବେଳର ମାନଦଣ୍ଡରେ ବେଶ୍ ବିକଶିତ ରୂପ ନେଇ କିଛିଟା ପ୍ରାକୃତିକ, କିଛିଟା ବିକାଶଗତ କାରଣରୁ ଲୋପ ପାଇଯାଇଛନ୍ତି। ଓଡ଼ିଶା ବା ତାହାର କେତେକ ସ୍ଥାନ କିଛିବର୍ଷ ପରେ ସେହି ଅବସ୍ଥା ଆଡ଼କୁ ଚାଲିଯିବ। ବାଲେଶ୍ୱର କଥା ଦେଖାଯାଉ। ଏବେ ବାଲେଶ୍ୱର ଲୋକେ ଘର ତିଆରି ପାଇଁ ଚଣ୍ଡିଖୋଲରୁ ପଥର, ଚିପ୍ସ ଓ ଆନନ୍ଦପୁରରୁ ବାଲି ଆଣୁଛନ୍ତି। ବାଲେଶ୍ୱର ଆଖପାଖ ଅଞ୍ଚଳରୁ ଏହି ଦୁଇ ସ୍ଥାନର ଦୂରତ୍ୱ ପାଖାପାଖି ୨୦୦ କି.ମି. ଲେଖାଏଁ। ଆଗରୁ ବାଲେଶ୍ୱରଠୁ ୧୦ କି.ମି. ଦୂର ଫୁଲାଡ଼ି ପାଖରୁ ବାଲି ଓ ବାଲେଶ୍ୱରଠୁ ୨୦ କି.ମି. ମିତ୍ରପୁର ପାଖରୁ ଲୋକେ ପଥର ଚିପ୍ସ ଆଣୁଥିଲେ। ସେ ସ୍ଥାନରେ ୨୦୦ କି.ମି. ଦୂରରୁ ନିର୍ମାଣ ସାମଗ୍ରୀ ଆଣି ସାଧାରଣ ମଣିଷ କ’ଣ ଘର କରିବ? ଭଦ୍ରକ-ବାଲେଶ୍ୱର-ବାରିପଦା-ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ପାଇଁ ନୀଳଗିରି ପାହାଡ଼ର ପଥର ଓ ବାଲେଶ୍ୱରର ନଦନଦୀର ବାଲିର ବହୁଳ ବ୍ୟବହାର ଯୋଗୁ ଆଜି ଏହି ବ୍ୟବସ୍ଥା। ଅର୍ଥାତ୍ ରାଷ୍ଟ୍ରର ବୃହତ୍ତର ବିକାଶର ବେଦୀରେ ସାଧାରଣ ମଣିଷର ମାମୁଲି ବିକାଶ ବଳିପଡୁଛି।

ବିକାଶର ମୂଳମନ୍ତ୍ର ହେଉଛି ଆବଶ୍ୟକତାର ମୂଲ୍ୟାୟନ (ନିଡ୍ ଆସେସ୍‌ମେଣ୍ଟ)। ବେଳେବେଳେ ରାଜନୈତିକ କାରଣରୁ ବା ଦେଖାଇହେବା ପାଇଁ ବିଶାଳ ଉଚ୍ଚାକାଂକ୍ଷୀ ପ୍ରକଳ୍ପ ସବୁ ହାତକୁ ନିଆଯାଏ ବା ପ୍ରସ୍ତାବିତ ହୁଏ ଯାହା ତୃଣମୂଳ ସ୍ତରରେ ବିକାଶକୁ ବାଧା ଜନ୍ମାଏ ବା ତା’ର ଗୁଣବତ୍ତା ହ୍ରାସକରେ, ମହଙ୍ଗା ମାଡ଼ର ପ୍ରଭାବରେ। ସେମିତି କିଛି ପ୍ରସ୍ତାବିତ ପ୍ରକଳ୍ପ ଯଥା ଓଡ଼ିଶା ଚାରିପଟେ ରିଂରୋଡ୍, ଓଡ଼ିଶାର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ମଧ୍ୟରେ ରାଜ୍ୟ ରାଜପଥ ନିର୍ମାଣ, ଭୁବନେଶ୍ୱରରେ ସବୁ ଜିଲ୍ଲା ପାଇଁ ଅତିଥିଶାଳା ନିର୍ମାଣ, ଦିଲ୍ଲୀର ଭାରତ ମଣ୍ଡପମ୍ ଢାଞ୍ଚାରେ ଭୁବନେଶ୍ୱରରେ ବିଶାଳ ପ୍ରେକ୍ଷାଳୟ ନିର୍ମାଣ ଇତ୍ୟାଦି ପ୍ରକଳ୍ପର ଜରୁରୀ ଆବଶ୍ୟକତା, ଏହାର ଗ୍ରାମାଞ୍ଚଳ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲ ଉପରେ ପ୍ରଭାବ- ଏସବୁକୁ ଅତି ଗମ୍ଭୀରତାର ସହ ଆକଳନକରି ପଦକ୍ଷେପ ନେବାକୁ ପଡ଼ିବ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ବାଲେଶ୍ୱର-ଭଦ୍ରକ ନିର୍ମାଣାଧୀନ ଜାତୀୟ ରାଜପଥ ଧାର୍ଯ୍ୟ ସମୟଠୁ ବର୍ଷ ବର୍ଷ ଗଡ଼ିଯିବାର ମୁଖ୍ୟ କାରଣ ହିସାବରେ ନିର୍ମାଣକାରୀ ସଂସ୍ଥା କହି ଚାଲିଛି, ଏଠାରେ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲର ଘୋର ଅଭାବ। ବିକାଶକୁ ସାର୍ବଜନୀନ ତଥା ସୁଲଭକରିବା ପାଇଁ ଅତି ଆବଶ୍ୟକ ନ ଥିବା ବୃହତ୍ ପ୍ରକଳ୍ପକୁ କିଛି ବର୍ଷ ଘୁଞ୍ଚାଇଦେଲେ ଜୀବନରେ ଥରେ ଘର କରୁଥିବା ମଣିଷମାନେ ନିଜ ସମ୍ବଳ ଭିତରେ ପକ୍କାଘରଟି କରିପାରିବେ, ଆପାତତଃ ଅପେକ୍ଷାକୃତ କମ୍ ଖର୍ଚ୍ଚରେ।

ଏବେ ନିର୍ମାଣ ସ୍ଥାପତ୍ୟ ଓ କାରିଗରି ବହୁ ବିକଶିତ ହେଲାଣି। ଇଟା, ବାଲି, ସିମେଣ୍ଟ, ପଥର, ଚିପ୍ସ ଭଳି ପ୍ରାକୃତିକ ସମ୍ବଳ କମ୍ ବ୍ୟବହାରକରି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଅନ୍ୟାନ୍ୟ କାରଖାନା ଉତ୍ପାଦ ମାଧ୍ୟମରେ ଗୃହନିର୍ମାଣ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଗୋପୀଚନ୍ଦ ଫାଉଣ୍ଡେଶନ୍ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିର୍ମିତ ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମକୁ ପୂରାପୂରି କଂକ୍ରିଟରେ ନିର୍ମାଣ ନ କରି ଅନ୍ୟ ଭାବରେ, ଆଧୁନିକ ଢଙ୍ଗରେ ସୁନ୍ଦର ଶୈଳୀରେ ନିର୍ମାଣ କରିହୁଅନ୍ତା। ବେଳେବେଳେ ଲାଗେ ଏଥିର ବ୍ୟବହୃତ ପାରମ୍ପରିକ ଗୃହ ନିର୍ମାଣ ସାମଗ୍ରୀ ଦ୍ୱାରା ହୁଏତ ଓଡ଼ିଶାର ଗୋଟିଏ ଜିଲ୍ଲାରେ ନିର୍ମାଣାଧୀନ ସମସ୍ତ ପାଣିଟାଙ୍କି ନିର୍ମାଣ ହୋଇପାରିଥାନ୍ତା !

ଭାରତବର୍ଷରେ ଉଚ୍ଚାରିତ ‘ବିକାଶ’ ଶବ୍ଦର ହୃତ୍‌ପିଣ୍ଡ ହେଉଛି କଂକ୍ରିଟ। ବିକାଶ କହିଲେ କଂକ୍ରିଟକୈନ୍ଦ୍ରିକ ବିକାଶ କଥା କୁହାଯାଏ। ସେହି କ୍ରମରେ ରାସ୍ତା ବା କୋଠାବାଡ଼ି ନିର୍ମାଣବେଳେ ବହୁ ବୃକ୍ଷକୁ ଆତ୍ମାହୁତି ଦେବାକୁ ପଡ଼େ ଏବଂ ପୂର୍ବ ବ୍ୟବହୃତ ପିଚୁମଖା ଅବା ସିମେଣ୍ଟ ଜାବୁଡ଼ା ପଥର ଚିପ୍ସଗୁଡ଼ିକୁ ରାସ୍ତାକଡ଼କୁ ଫିଙ୍ଗିଦିଆଯାଏ। ଦୁଃଖର କଥା ଏକଥା କରାଯାଏ ଯେତେବେଳେ ବୃହତ୍ ବୃହତ୍ ବୃକ୍ଷର ପୁନଃ ରୋପଣ ଓ ବ୍ୟବହୃତ ପଥର ଚିପ୍ସର ପୁନର୍ବ୍ୟବହାର କାରିଗରି ଉପଲବ୍ଧ। ଘଟଣାକ୍ରମେ ଥରେ କଲିକତା ଯିବା ବାଟରେ ଖଡ଼ଗପୁର ପାଖାପାଖି ଜାତୀୟ ରାଜପଥର ଏକ ଅଂଶକୁ ଏହି ବିଧିରେ ମରାମତି କରାଯାଉଥାଏ -ଅର୍ଥାତ୍ ରାସ୍ତା ଫାଟି ଢିଲା ହୋଇଯାଇଥିବା ପିଚୁଫଡ଼ାକୁ ଉଠାଇ ଏକ ମେଶିନରେ ପୂରାଇ ତାକୁ ପିଚୁମୁକ୍ତ ତଟକା ପଥର ଚିପ୍ସରେ ପରିଣତ କରି ଆଉ ଏକ ମେଶିନରେ ପିଚୁ ସହ ଗୋଳେଇ ପୁଣି ରାସ୍ତା ଉପରେ ବିଛାଇ ଦିଆଯାଉଥାଏ। ଓଡ଼ିଶାରେ ବୃକ୍ଷଚ୍ଛେଦନ ଓ ପଥରମୁଣ୍ଡାକୁ ଆବର୍ଜନା ଭାବି ଫିଙ୍ଗିଦେବାକୁ ଗୁରୁତ୍ୱ ଦିଆଯାଏ !

ଆମେରିକା ଓ ଚାଇନା ତାଙ୍କର ପ୍ରାକୃତିକ ସମ୍ବଳମାନ ସାଇତି ରଖି ଅନ୍ୟ ଦେଶରୁ ତାହା ଆମଦାନୀ କରୁଥିଲାବେଳେ ଆମେ ଅବିଚାରିତ ଭାବରେ ଫିଙ୍ଗାଫୋପଡ଼ା ଦରରେ ରପ୍ତାନିକରୁ ବା ସେହି ଢଙ୍ଗରେ ବ୍ୟବହାର କରୁଛୁ। ଦିନ ଆସିବ ପଥର କୋଇଲା ଆମଦାନୀ କଲା ଭଳି ପଥର ଚିପ୍ସ ଓ ବାଲିକୁ ମଧ୍ୟ ଅଷ୍ଟ୍ରେଲିଆରୁ ଆମଦାନୀ କରିବାକୁ ପଡ଼ିବ, କାରଣ ନିର୍ମାଣ ସାମଗ୍ରୀର ସୁସଂହତ ବ୍ୟବହାର ଉପରେ ଏଠି ଗୁରୁତ୍ୱ ଦିଆଯାଏ ନାହିଁ ଅବା ତା’ର ବିକଳ୍ପ ଉପାଦାନ ଖୋଜାଯାଏ ନାହିଁ। ଭୂପୃଷ୍ଠ ପରିବହନ କ୍ଷେତ୍ରରେ ଲେନ୍ ଡ୍ରାଇଭିଂର ପ୍ରଚଳନ ଏତେ ନାହିଁ। କଟକ, ଭୁବନେଶ୍ୱର ମଧ୍ୟରେ ଏହା ହବହବ କହି ହୋଇପାରିଲା ନାହିଁ। ଏଣେ ଲେନ୍ ସଂଖ୍ୟା ବଢ଼ାଅ, କାରଣ ଆମେ ଓଭରଟେକ୍ କରିବୁ ସାମ୍ନା ଗାଡ଼ିକୁ ! ଆମକୁ ଖେଳପଡ଼ିଆ ମାପର ରାସ୍ତା ଦରକାର ! ଅଥଚ ଆଭ୍ୟନ୍ତରୀଣ ମୁମ୍ବାଇରେ ବେଶ୍ ‘ସରୁଲେନ୍’ରେ ଓଭରଟେକିଂର ଅନୁପସ୍ଥିତି ଯୋଗୁ ଗାଡ଼ିଘୋଡ଼ା ସୁରୁଖୁରରେ ଚାଲେ।

ବିକାଶ ରାସ୍ତାରେ ପ୍ରକୃତି ରୂପରେ ମୁଖ୍ୟତଃ ବଳି ପଡୁଛନ୍ତି ପାହାଡ଼, ନଦୀ, ମୃତ୍ତିକା ଓ ଜଙ୍ଗଲ। ପାହାଡ଼ ଖୋଳି ତା’ର ମୂଳ ତାଡ଼ି ସୃଷ୍ଟିକରାଯାଉଛି କୃତ୍ରିମ ହ୍ରଦ ଯାହା ବିଡ଼ମ୍ବନା କ୍ରମେ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେଉଛି, ଉଦାହରଣ ସ୍ୱରୂପ ବାଲେଶ୍ୱର ମିତ୍ରପୁର ସନ୍ନିକଟ ବ୍ଲୁ ଲେକ୍। ସହର ଆଖପାଖର ଗାଁର ଲୋକେ ସକାଳୁ ଉଠି ଦେଖୁଛନ୍ତି ନିଜ ଜମିରୁ ମାଟି ଉଭାନ୍ ଆଉ କାରଖାନା ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ ଓ ଗୃହ ସାମଗ୍ରୀ ନିର୍ମାଣ ପାଇଁ ବଳିପଡୁଛି ଜଙ୍ଗଲ। ପାହାଡ଼-ନଦୀ-ମାଟି-ଜଙ୍ଗଲ ରହିତ ବିକାଶର ସଂଜ୍ଞା କ’ଣ ? ଏହା କ’ଣ ବିନାଶ ନୁହେଁ ?

# ଅସହାୟ ନାଗରିକ

କୌଣସି କୁଚକ୍ରୀ ଉପାୟରେ ଯଦି ଜଣେ ସୁଦ୍ଧା ନାଗରିକଠାରୁ ତା’ର ଭୋଟ ଦେବାର ଅଧିକାର ଛିନ୍ନ କରି ନିଆଯାଏ, ତେବେ ତା’ ଠାରୁ ଅଧିକ ଗର୍ହିତ ଆଉ କ’ଣ ବା ହୋଇପାରେ ? କାରଣ ସେହି ଗୋଟିଏ ଅଧିକାର ଭାରତର ଦରିଦ୍ର ନାଗରିକମାନଙ୍କୁ ନୃପତି କରି ରଖିପାରେ(ଶାସନ କ୍ଷମତା ବଦଳାଇ) ଏବଂ ଯାହା ବ୍ୟତିରେକ ସେମାନେ ଏକାବେଳକେ ସମ୍ପୂର୍ଣ୍ଣ ନିଃସ୍ୱ ହୋଇଯାଆନ୍ତି। ଆମ ରାଜନୈତିକ ଦଳ ଓ ସାଂବିଧାନିକ ଅନୁଷ୍ଠାନଗୁଡ଼ିକ ଏହି ସାମାନ୍ୟ କଥାକୁ ଧ୍ୟାନରେ ରଖିବା ଉଚିତ; ତା’ ନ ହେଲେ ଭାରତର ଗଣତନ୍ତ୍ର ନିଃସ୍ୱ ନାଗରିକଙ୍କ ଉତ୍ତପ୍ତ ଦୀର୍ଘଶ୍ୱାସରେ ଦଗ୍‌ଧୀଭୂତ ହେବା ସାର ହେବ।

ଆମ ରାଜନୈତିକ କ୍ରୀଡ଼ାଙ୍ଗନରେ ସମ୍ପ୍ରତି ଯେଉଁ ପିଲା କଳି ତୁଲ୍ୟ ଦୃଶ୍ୟଟିଏ ଦେଖିବାକୁ ମିଳିଛି, ତହିଁରେ ସମ୍ପୃକ୍ତ ଅଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ଏହା ସୁବିଦିତ ଯେ ରାହୁଲ ଗାନ୍ଧୀଙ୍କ କଣ୍ଠ ନିସୃତ ‘ଭୋଟ ଚୋରି’ର କୁହାଟ ସିଧାସଳଖ ନିର୍ବାଚନ କମିସନ ଆଡ଼କୁ ଇଙ୍ଗିତ କରିଥାଏ, କାରଣ ତାଙ୍କ ଧାରଣାରେ ନିର୍ବାଚନ କମିସନଙ୍କ ପ୍ରତ୍ୟକ୍ଷ ସହାୟତାରେ ଭୋଟର ତାଲିକାରେ ବିଭିନ୍ନ ପ୍ରକାର ହେରଫେର କରାଯାଇ କେତେକ ନିର୍ବାଚନରେ ବିଜେପିକୁ ଜିତାଇ ଦିଆଯାଇଛି। ଏଭଳି ସ୍ଥିତିରେ ଆକ୍ଷେପଟିକୁ ସହ୍ୟ କରି ନ ପାରି ମୁଖ୍ୟ ନିର୍ବାଚନ କମିସନର ରାହୁଲ ଗାନ୍ଧୀଙ୍କଠାରୁ ନିଃସର୍ତ୍ତ କ୍ଷମା ଭିକ୍ଷା ଦାବି କରିବା ସହିତ ଏ ପ୍ରକାର ଅଭିଯୋଗ ପରିପ୍ରେକ୍ଷୀରେ ଏକ ସତ୍ୟପାଠ(ସପ୍ତାହକ ମଧ୍ୟରେ) ଦାଖଲ କରନ୍ତୁ ବୋଲି ଅଡ଼ି ବସିଛନ୍ତି। ତେବେ, ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଏକ ପ୍ରତିକ୍ରିୟାର ଔଚିତ୍ୟ ଏବଂ ତହିଁରେ ନିହିତ ଆବେଗ ବିଷୟକୁ ନେଇ ବ୍ୟାପକ ଚର୍ଚ୍ଚା ଚାଲିଥିବା ବେଳେ ଭାରତୀୟ ଗଣତନ୍ତ୍ରେ କିଭଳି ତୀବ୍ର ଧ୍ରୁବୀକରଣ, ଅସହିଷ୍ଣୁତା, ଅବାଂଛିତ ପ୍ରତିକ୍ରିୟାଶୀଳତା ଏପରିକି ପ୍ରତିଶୋଧ ପରାୟଣତାର ପ୍ରତ୍ୟକ୍ଷ କଲାଣି ତଥା ଏହି ପ୍ରକରଣରେ ଗଣତନ୍ତ୍ରର ଏକ ଶକ୍ତିକେନ୍ଦ୍ର ରୂପେ ବିଦ୍ୟମାନ ଥିବା ନିର୍ବାଚନ କମିସନ ନାଗରିକମାନଙ୍କ ଦ୍ୱାରା କ୍ରମ ବିଶ୍ୱାସହାନିର ଶରବ୍ୟ ହେଲାଣି, ତାହା ଏକ କ୍ଷୁଦ୍ର ଆଲୋଚନା ଲାଗି ଅବକାଶ ସୃଷ୍ଟି କରିଥାଏ।

ମହାରାଷ୍ଟ୍ରରେ, ଗତ ୨୦୨୪ ମସିହାର ଲୋକସଭା ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରିଥିବା ‘ଇନ୍‌ଡି’ ମେଣ୍ଟ, ତାର ମାତ୍ର ଛଅ ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପ୍ରାୟ ନିଶ୍ଚିହ୍ନ ହୋଇଯିବା ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀ ସ୍ଥିର ନିଶ୍ଚିତ ଯେ ନିର୍ବାଚନ କମିସନଙ୍କ ଦ୍ୱାରା କରାଯାଇଥିବା ଭୋଟର ତାଲିକା ହେରଫେର ହେଉଛି ଏଥି ସକାଶେ ଅନ୍ୟତମ ପ୍ରମୁଖ କାରଣ। ଗଲା ୭ ତାରିଖରେ, ଏକ ସାମ୍ବାଦିକ ସମ୍ମିଳନୀରେ ସୁବିସ୍ତୃତ ‘ପାୱାର ପଏଣ୍ଟ’ ବର୍ଣ୍ଣନା ମାଧ୍ୟମରେ ରାହୁଲ ଗାନ୍ଧୀ କର୍ଣ୍ଣାଟକର ଗୋଟିଏ ଆସନକୁ ‘କେସ୍ ଷ୍ଟଡି’ ଭାବେ ନେଇ ପ୍ରମାଣ କରିଥିଲେ କିଭଳି ନକଲି, ମୃତ ଓ ଅସ୍ତିତ୍ୱହୀନ ଭୋଟରମାନେ ନିର୍ବାଚନରେ ଅଂଶ ଗ୍ରହଣ କରି ସେଠାରେ ବିଜେପିର ବିଜୟକୁ ସମ୍ଭବ କରିଥିଲେ ! ତାଙ୍କର ବଦ୍ଧମୂଳ ଧାରଣା ଯେ ମହାରାଷ୍ଟ୍ର ନିର୍ବାଚନରେ ମଧ୍ୟ ଏହାର ପୁନରାବୃତ୍ତି ଘଟିଛି, ଯେଉଁ ଦୁରଭିସନ୍ଧିପୂର୍ଣ୍ଣ ପ୍ରକରଣରେ ନିର୍ବାଚନ କମିସନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଅଛି। ଏଣେ, ବିହାରରେ ଅତି ତରବରିଆ ଭାବେ ‘ସ୍ପେସାଲ ଇନ୍‌ଟେନସିଭ୍ ରିଭିଜନ୍’(ସ୍ୱତନ୍ତ୍ର ସଘନ ସଂଶୋଧନ) ବା ‘ଏସ.ଆଇ.ଆର୍.’ ମାଧ୍ୟମରେ ପୁରୁଣା ଭୋଟର ତାଲିକାରେ ସଂଶୋଧନ କରାଯାଇ ୬୫ ଲକ୍ଷ ଭୋଟରଙ୍କୁ ତହିଁରୁ ବହିଷ୍କାର କରି ଦିଆଯିବା ଏବଂ ସେଠାରେ ଆଉ ମାତ୍ର ଦୁଇ ମାସ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ‘ଏସ.ଆଇ.ଆର୍.’ରେ ଏକ ଅତ୍ୟନ୍ତ ଅସ୍ୱଚ୍ଛ ଏବଂ ସନ୍ଦେହାଚ୍ଛନ୍ନ ପଦ୍ଧତି ଅବଲମ୍ବନ କରାଯିବା ଓ ତା’ର ପ୍ରତିବାଦରେ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଠାରୁ ସାହାଯ୍ୟ ଲୋଡ଼ାଯିବା ଭଳି ଘଟଣାମାନ ନିର୍ବାଚନ କମିସନଙ୍କ ଉଦ୍ଦେଶ୍ୟକୁ ଅଧିକ ସନ୍ଦିଗ୍ଧ କରି ପକାଇଛି, ଯାହା ବିରୋଧୀ ପକ୍ଷର ଦୃଷ୍ଟିରେ ‘ଭୋଟ ଚୋରି’ର ଆଉ ଏକ ଚତୁର ସଂସ୍କରଣ। ସୁତରାଂ, ପ୍ରଶ୍ନ ଉଠିଥାଏ ଯେ ସନ୍ଦେହର ଧୂମ୍ର ପଟଳ ଦ୍ୱାରା ଆଚ୍ଛନ୍ନ ଏକ ପରିବେଶରେ ନିର୍ବାଚନ କମିସନଙ୍କ ସକାଶେ କ’ଣ କରଣୀୟ ହେବା ଉଚିତ ? ପରିପକ୍ୱ ବିଚାର କହିଥାଏ ଯେ ଅଭିଯୋଗରେ ଥିବା ତ୍ରୁଟିଗୁଡ଼ିକୁ ଅନୁଧ୍ୟାନ କରି ସେ ସବୁର ପରିମାର୍ଜନା ସକାଶେ ଉଦ୍ୟମ। କିନ୍ତୁ ସି.ଇ.ସି. ଜ୍ଞାନେଶ କୁମାର ସମ୍ଭବତଃ ଏହାକୁ ଏକ ବ୍ୟକ୍ତିଗତ ଅପମାନ ବୋଲି ବିଚାର କରି ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ କରିଛନ୍ତି, ଯାହା ବିଜେପି ଦଳ ଲାଗି ମଧ୍ୟ ଉଲ୍ଲାସର କାରଣ ହୋଇଥିବ ! କିନ୍ତୁ ସି.ଇ.ସି. ହୁଏତ ପାସୋରି ଯାଇଛନ୍ତି ଯେ ରାହୁଲଙ୍କୁ ଠିକଣା ଜବାବ ଦେବା ସକାଶେ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ତାଙ୍କ ସୂତ୍ରରୁ ଠୁଳ କରିଥିବା ସୂଚନା ଆଧାରରେ ପ୍ରମାଣ କରିଛନ୍ତି ଯେ କଂଗ୍ରେସ ଜିଣିଥିବା ସ୍ଥାନରେ ମଧ୍ୟ ଭୋଟର ତାଲିକା ବିଭିନ୍ନ ପ୍ରକାର ତ୍ରୁଟିର ଶିକାର, ଯାହାକୁ ସେ ମଧ୍ୟ କଂଗ୍ରେସ ଦ୍ୱାରା ‘ଭୋଟ ଚୋରି’ ବୋଲି ଆଖ୍ୟା ଦେଇଛନ୍ତି। ସୁତରାଂ, ଭୋଟର ତାଲିକାରେ ତ୍ରୁଟି ବିଚ୍ୟୁତି ଉଭୟ ପକ୍ଷଙ୍କ ଦ୍ୱାରା ପ୍ରମାଣିତ, ଯାହା ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଲୋଡ଼ିଥାଏ। କିନ୍ତୁ ସେହି କଥାକୁ ନଜରଅନ୍ଦାଜ କରି, ‘ଭୋଟ ଚୋରି’ର ଦୁଇ ଅଭିଯୋଗକାରୀଙ୍କ ମଧ୍ୟରୁ କେବଳ ଜଣଙ୍କ ଉପରେ ସି.ଇ.ସି. ନିଜ ରୋଷ ବର୍ଷଣ କରିବା ତାଙ୍କ ନିଷ୍ପକ୍ଷତାକୁ ପ୍ରଶ୍ନାକୁଳ ମଧ୍ୟ କରିଥାଏ !

‘ନିର୍ବାଚନ କମିସନ’ ଓ ବିଜେପି ମଧ୍ୟରେ ଏକ ମେଣ୍ଟ ରହିଛି ବୋଲି ରାହୁଲ ଗାନ୍ଧୀ ପୂର୍ବରୁ ଓ ବାରମ୍ବାର କହି ଆସିଛନ୍ତି। କିନ୍ତୁ ଏହା ମଧ୍ୟ ସତ ଯେ ଦଳ ନିର୍ବିଶେଷେ ?ର ବିରୋଧୀ ପକ୍ଷ ଦ୍ୱାରା ନିର୍ବାଚନ କମିସନଙ୍କ କାର୍ଯ୍ୟ ସନ୍ଦିଗ୍ ?ଧ ହୋଇ ଆସିଛି। ୧୯୭୧ ମସିହାର ନିର୍ବାଚନରେ ଦକ୍ଷିଣ ଦିଲ୍ଲୀ ଆସନରେ ପରାଜିତ ଜନସଂଘ ଦଳର ପ୍ରାର୍ଥୀ ବଳରାଜ ମାଧୋକ ନିର୍ବାଚନ କମିସନଙ୍କ ଭୂମିକାକୁ ସନ୍ଦେହ କରି ଅଦାଲତର ଆଶ୍ରୟ ନେଇଥିଲେ। ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ତତ୍‌କାଳୀନ ମୁଖ୍ୟ ନିର୍ବାଚନ କମିସନର ଲିଙ୍ଗଡ଼ୋଙ୍କ ପ୍ରତି ଆକ୍ଷେପ ଗଣମାଧ୍ୟମରେ ଆଲୋଚିତ ହେଉଥିଲା। ତେବେ, ବର୍ତ୍ତମାନ ସେହି ସନ୍ଦେହ ଅଧିକ ଦୃଢ଼ ହୋଇଛି; କାରଣ ବିଜେପି ସରକାର ଅମଳରେ ଗୃହୀତ ହୋଇଥିବା ‘ମୁଖ୍ୟ ନିର୍ବାଚନ କମିସନର’ଙ୍କ ନିଯୁକ୍ତି ପଦ୍ଧତିରେ ପ୍ରଧାନମନ୍ତ୍ରୀଙ୍କ ଜଣେ ପ୍ରିୟପାତ୍ର ସେହି ପଦରେ ନିଯୁକ୍ତି ପାଇବା ଏବଂ ସେଥି ଲାଗି ପ୍ରଧାନମନ୍ତ୍ରୀଙ୍କ ଠାରେ ଅନୁଗୃହୀତ ହୋଇ ରହିବା ଅନିବାର୍ଯ୍ୟ ହୋଇଥାଏ। ଏଭଳି ସ୍ଥଳେ ସି.ଇ.ସି.ଙ୍କ କେତେକ କାର୍ଯ୍ୟକଳାପ ଓ ନିଷ୍ପତ୍ତି ଅବଲୀଳା କ୍ରମେ ଏହି ସନ୍ଦେହକୁ ଅଧିକ ଦୃଢ଼ କରିଛି ଯାହା ! ଉଦାହରଣ ସ୍ୱରୂପ ୨୦୨୦ ମସିହାର ଦିଲ୍ଲୀ ନିର୍ବାଚନ କାଳରେ ଅନୁରାଗ ଠାକୁରଙ୍କ ଦ୍ୱାରା ପ୍ରଦତ୍ତ ତୀବ୍ର ଘୃଣା ବ୍ୟଂଜକ ସ୍ଲୋଗାନ ‘ଗୋଲି ମାରୋ ସାଲୋଁ କୋ’ ସିଇସିଙ୍କୁ ସ୍ପର୍ଶ କରି ନଥିବା ବେଳେ ରାହୁଲ ଗାନ୍ଧୀଙ୍କୁ ଅନେକ ଥର ତାଙ୍କ ନିର୍ବାଚନୀ ମନ୍ତବ୍ୟ ସକାଶେ ନିର୍ବାଚନ କମିସନଙ୍କ ଠାରୁ ଚେତାବନୀ ଓ ଭର୍ତ୍ସନା ଶୁଣିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ ନିକଟରେ ‘ଦ ହିନ୍ଦୁ’ରେ ପ୍ରକାଶିତ ‘ଲୋକନୀତି-ସିଏସଡିଏସ’ ଦ୍ୱାରା ହୋଇଥିବା ଏକ କ୍ଷୁଦ୍ର ନମୁନା ସର୍ଭେ ପ୍ରଣିଧାନଯୋଗ୍ୟ, ଯହିଁରୁ ସୂଚନା ମିଳିଥାଏ ଯେ ୨୦୧୯ରୁ ୨୦୨୫ ମସିହା ମଧ୍ୟରେ ନିର୍ବାଚନ କମିସନଙ୍କ ନିଷ୍ପକ୍ଷତା ଉପରୁ ଆସ୍ଥା ହରାଇଥିବା ଲୋକଙ୍କ ସଂଖ୍ୟାରେ ହାରାହାରି ୧୬% ବୃଦ୍ଧି ଘଟିଛି। ଯଦିଓ ନିର୍ବାଚନ କମିସନଙ୍କ ଉପରେ ଆସ୍ଥା ସ୍ଥାପନ କରିଥିବା ନାଗରିକଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ତଥାପି ଅଧିକ ରହିଛି, ଏହା ଭାରତର ଗଣତନ୍ତ୍ର ସକାଶେ ଏକ ସତର୍କ ଘଣ୍ଟି ତୁଲ୍ୟ ହେବା ଉଚିତ। ଏଣେ ବିହାରରେ ଏକ ନିର୍ବାଚନ ସଭାରେ ରାହୁଲ ଗାନ୍ଧୀଙ୍କ ଭାଷଣରେ ଅର୍ବାଚୀନସୁଲଭ ଅପରିପକ୍ୱତା ପରିଦୃଷ୍ଟ ହୋଇଛି, ଯହିଁରେ ସେ ସି.ଇ.ସି.ଙ୍କ ଉଦ୍ଦେଶ୍ୟରେ ଧମକ ଦେଇଛନ୍ତି ଯେ କ୍ଷମତାକୁ ଆସିଲେ ସି.ଇ.ସି.ଙ୍କୁ ଦେଖିନେବେ ! କ୍ଷମତା ରଙ୍କୁଣା ରାଜନୀତିର ଏହା ହେଉଛି ବିଡ଼ମ୍ବନା; ରାହୁଲ ଗାନ୍ଧୀ ଯେଉଁ ପ୍ରତିଶୋଧାତ୍ମକ ରାଜନୀତିର ଶିକାର ବୋଲି ଚିତ୍କାର କରନ୍ତି, ସେ ନିଜେ ସେହି ଆଭିମୁଖ୍ୟ ପୋଷଣ କରନ୍ତି ! ବ୍ୟବସ୍ଥାର ସୁଧାର ବା ପରିବର୍ତ୍ତନ ବିଷୟ ଉଠେ ନାହିଁ, ଗଣତନ୍ତ୍ରର ଦୃଢ଼ୀକରଣ ଚିନ୍ତା ରାଜନେତାମାନଙ୍କୁ ଉଦ୍‌ବେଳିତ କରେ ନାହିଁ; ପ୍ରତିଶୋଧପରାୟଣ ରାଜନୀତିର ଚକ୍ର କେବଳ ଘୂରି ଚାଲିଥାଏ ଯାହା !

ଯେଉଁ ବିହାରରେ ଏକ ଅସ୍ୱଚ୍ଛ ଓ ସନ୍ଦିଗ୍ଧ ‘ଏସ୍.ଆଇ.ଆର୍.’ ମାଧ୍ୟମରେ ୬୫ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ଛିନ୍ନ କରି ଦିଆଯାଇଛି, ସେହି ବିହାର ହେଉଛି ଭାରତର ସର୍ବାଧିକ ରୁଗ୍‌ଣ ରାଜ୍ୟ; ସ୍ୱାଧୀନତାର ୭୮ ବର୍ଷ ପରେ ସୁଦ୍ଧା ସେଠି ସାକ୍ଷରତା ହାର ମାତ୍ର ୬୧.୮%, ବିପିଏଲ୍‌ଙ୍କ ହାର ଜନସଂଖ୍ୟାର ୫୨%, କାମଧନ୍ଦା ତଲାସରେ ରାଜ୍ୟ ବାହାରକୁ ଚାଲିଯାଉଥିବା ଶ୍ରମିକଙ୍କ ହାର ହେଉଛି ଜନସଂଖ୍ୟାର ୭.୨ ପ୍ରତିଶତ। ଏଭଳି ସ୍ଥଳେ କୌଣସି କୁଚକ୍ରୀ ଉପାୟରେ ଯଦି ଜଣେ ସୁଦ୍ଧା ନାଗରିକଠାରୁ ତା’ର ଭୋଟ ଦେବାର ଅଧିକାର ଛିନ୍ନ କରି ନିଆଯାଏ, ତେବେ ତା’ ଠାରୁ ଅଧିକ ଗର୍ହିତ ଆଉ କ’ଣ ବା ହୋଇପାରେ ? କାରଣ ସେହି ଗୋଟିଏ ଅଧିକାର ଭାରତର ଦରିଦ୍ର ନାଗରିକମାନଙ୍କୁ ନୃପତି କରି ରଖିପାରେ(ଶାସନ କ୍ଷମତା ବଦଳାଇ) ଏବଂ ଯାହା ବ୍ୟତିରେକ ସେମାନେ ଏକାବେଳକେ ସମ୍ପୂର୍ଣ୍ଣ ନିଃସ୍ୱ ହୋଇଯାଆନ୍ତି। ଆମ ରାଜନୈତିକ ଦଳ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଏହି ସାମାନ୍ୟ କଥାକୁ ଧ୍ୟାନରେ ରଖିବା ଉଚିତ; ତା’ ନ ହେଲେ ଭାରତର ଗଣତନ୍ତ୍ର ନିଃସ୍ୱ ନାଗରିକଙ୍କ ଉତ୍ତପ୍ତ ଦୀର୍ଘଶ୍ୱାସରେ ଦଗ୍‌ଧୀଭୂତ ହେବା ସାର ହେବ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ

# ସୀମାରେ ଶାନ୍ତି ବଜାୟ ରଖିବାକୁ ଜୟଶଙ୍କରଙ୍କ ଗୁରୁତ୍ୱାରୋପ



ନୂଆଦିଲ୍ଲୀ: ୨ ଦିନିଆ ଭାରତ ଗସ୍ତରେ ଆସିଥିବା ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତକାରରେ ହୋଇଥିବା ଆଲୋଚନା ସମ୍ପର୍କରେ ମୋଦୀ ନିଜେ ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ମୋଦୀ ଲେଖିଛନ୍ତି ଭାରତ ଏବଂ ଚୀନ୍ ମଧ୍ୟରେ ନିରନ୍ତର ପ୍ରଗତି ଜାରି ରହିଛି। ମୋଦୀ ଲେଖିଛନ୍ତି 'ଗତବର୍ଷ କାଜାନ୍ ଠାରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ସାକ୍ଷାତାର ହେବା ପରଠାରୁ, ଭାରତ-ଚୀନ୍ ସମ୍ପର୍କ ପରସ୍ପରର ସ୍ୱାର୍ଥ ଏବଂ ସମ୍ବେଦନଶୀଳତା ପ୍ରତି ସମ୍ମାନ ଦ୍ୱାରା ସ୍ଥିର ପ୍ରଗତି ହାସଲ କରିଛି। ଏତଦ୍‌ବ୍ୟତୀତ ମୋଦୀ ଅଗଷ୍ଟ ୩୧ରେ ତିଆନଜିନ୍‌ଠାରେ ଆୟୋଜିତ ହେବାକୁ ଥିବା ଏସ୍‌ସିଓ ଶିଖର ସମ୍ମିଳନୀ ଅବସରରେ ପୁଣିଥରେ ଜିନ୍‌ପିଙ୍ଗଙ୍କ ସହ ପରବର୍ତ୍ତୀ ବୈଠକ ତଥା ସାକ୍ଷାତକାର ପାଇଁ ଅପେକ୍ଷା କରିଥିବା କଥା ମଧ୍ୟ ଲେଖିଛନ୍ତି। ଅତୀତର ଘଟଣାକୁ ଭୁଲି ଭାରତ ଏବଂ ଚୀନ ମଧ୍ୟରେ ସ୍ଥିର, ପୂର୍ବାନୁମାନଯୋଗ୍ୟ, ଗଠନମୂଳକ ସମ୍ପର୍କ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଏବଂ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ମାସ ୩୧ରେ ଚୀନ୍ ଗସ୍ତ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ୍। ୱାଙ୍ଗ୍ ୟିଙ୍କୁ ସାକ୍ଷାତ କରିବା ସମୟରେ ଉଭୟଙ୍କ ମଧ୍ୟରେ ଭାରତ-ଚୀନ ସୀମା ବିବାଦ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକ ସୀମା ବିବାଦର ସମାଧାନ ଏବଂ ପ୍ରକୃତ ନିୟନ୍ତ୍ରଣ ରେଖାରେ ଉତ୍ତେଜନା ହ୍ରାସ କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ୨୪ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ଅଧୀନରେ ହୋଇଥିଲା। ସେହିପରି କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ମଧ୍ୟ ୱାଙ୍ଗ୍ ୟି'ଙ୍କ ସାକ୍ଷାତକାର ହୋଇଛି। ଏହି ସମୟରେ ୱାଙ୍ଗ୍ ୟି' ଭାରତ ତାଇୱାନ୍ ସହ ବ୍ୟବସାୟିକ କିମ୍ବା ଅନ୍ୟ କ୍ଷେତ୍ରରେ କୌଣସି ପ୍ରକାର ଡିଲ୍ ନକରିବାକୁ ପ୍ରସ୍ତାବ ଦେଇଥିବା ଜଣାପଡିଛି। ଜବାବରେ ଜୟଶଙ୍କର ତାଙ୍କ ପ୍ରତିପକ୍ଷଙ୍କୁ କହିଛନ୍ତି, ଭାରତ ଚୀନ୍‌ର 'ୱାନ୍ ଚୀନ୍' ନୀତିକୁ ସମ୍ମାନ କରୁଛି। କିନ୍ତୁ ଚୀନ୍ ନିଜେ ଯେତେବେଳେ ତାଇୱାନ୍ ସହ ସମସ୍ତ ପ୍ରକାର ସମ୍ପର୍କରେ କାରବାର କରୁଛି ସେତେବେଳେ ଭାରତ ମଧ୍ୟ ବିଶ୍ୱର ଅନ୍ୟାନ୍ୟ ଦେଶ ପରି ତାଇୱାନ ସହିତ ଏକ ସମ୍ପର୍କ ରଖିଛି ଯାହା ଅର୍ଥନୈତିକ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସମ୍ପର୍କ ଉପରେ କେନ୍ଦ୍ରିତ, ଏବଂ ଏହା ଜାରି ରହିବ। ସେହିପରି ଦୁଇ ଦେଶ ସମ୍ପର୍କରେ ସୁଧାର ଆଣିବା ପାଇଁ ସୀମାରେ ଉତ୍ତେଜନା ହ୍ରାସ ପ୍ରକ୍ରିୟା ଆଗକୁ ବଢ଼ିବା ଅତ୍ୟନ୍ତ ଜରୁରୀ ବୋଲି ଜୟଶଙ୍କର, ୱାଙ୍ଗଙ୍କୁ କହିଛନ୍ତି। ସେହିପରି ମତଭେଦ କେବେ ବି ଦୁଇ ରାଷ୍ଟ୍ର ମଧ୍ୟରେ ବିବାଦର କାରଣ ନହେବା ଉଚିତ, ବିଭିନ୍ନ ସମସ୍ୟାର ସମାଧାନ ପାଇଁ କୂଟନୈତିକ ଆଲୋଚନାକୁ ପ୍ରାଥମିକତା ଦେବା, ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ଭାବରେ ଶାନ୍ତି ଏବଂ ଶାନ୍ତି ବଜାୟ ରଖିବାର ଆବଶ୍ୟକତା, ଉଭୟ ଦେଶ ମଧ୍ୟରେ ଏକ ସ୍ୱଚ୍ଛ ଏବଂ ଗଠନମୂଳକ, ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥନିହିତ ଆଭିମୁଖ୍ୟ ରହିବା ଆଦି ସମ୍ପର୍କରେ ମଧ୍ୟ ଜୟଶଙ୍କର ୱାଙ୍ଗ୍ ୟିଙ୍କୁ କହିଛନ୍ତି। ପ୍ରକାଶ ଆସନ୍ତା କାଲି ପୁନର୍ବାର ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ୍ ଏବଂ ୱାଙ୍ଗ୍ ୟିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାର ଅଛି। ଏଥିରେ ସୀମା ବିବାଦ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଅନୁମାନ କରାଯାଉଛି।

# ଜୁଆ, ବେଟିଂ ଆପ୍‌ଗୁଡ଼ିକ ଉପରେ ଲାଗିବ ଅଙ୍କୁଶ, ଆସୁଛି କଠୋର ନିୟମ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ଅନ୍‌ଲାଇନ ଗେମିଂ ବିଲ୍‌କୁ ମଞ୍ଜୁରୀ ଦେଇଛି। ଏପ୍ରକାର ଏକ ବିଲ୍‌କୁ ମଞ୍ଜୁରି ଦେବାର ଉଦ୍ଦେଶ୍ୟ ହେଉଛି ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ଜୁଆ ଖେଳ ଉପରେ କଡ଼ା ଅଙ୍କୁଶ ଲଗାଇବା। ଏହି ବିଲ୍ ଅନ୍‌ଲାଇନ ଗେମିଂ ପ୍ଲାଟଫର୍ମଗୁଡ଼ିକୁ ଆଇନଗତ ପରିସୀମା ଭିତରେ ଆଣିବା ସହ ଡିଜିଟାଲ ଆପ୍ ମାଧ୍ୟମରେ ଜୁଆ ଖେଳିବା ଉପରେ ଦଣ୍ଡର ବ୍ୟବସ୍ଥା ମଧ୍ୟ ଲାଗୁ କରିବ। ଏହାସହ ଲୋକ ସଭାରେ ଉପସ୍ଥାପିତ ହୋଇଛି ଅନ୍‌ଲାଇନ୍ ଗେମିଂ ବିଲ୍ ୨୦୨୫। ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଲ୍ ଉପସ୍ଥାପନ କରିଛନ୍ତି। ବେଟିଂ ସହିତ ଜଡ଼ିତ ଅନ୍‌ଲାଇନ ଟଙ୍କା ଖେଳକୁ ନିଷିଦ୍ଧ କରିବା ଲକ୍ଷ୍ୟରେ ଏହି ବିଲ୍ ଆଗତ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଇ-କ୍ରୀଡାକୁ ସ୍ୱୀକୃତିପ୍ରାପ୍ତ ନିୟମ ଏବଂ ମାନଦଣ୍ଡ ସହିତ ଭର୍ଚୁଆଲ୍ କ୍ଷେତ୍ରରେ ଖେଳାଯାଉଥିବା ପ୍ରତିଯୋଗିତାମୂଳକ ଦକ୍ଷତା-ଆଧାରିତ ଖେଳ ଭାବରେ ପରିଭାଷିତ କରାଯାଇଛି। ସରକାର ବର୍ତ୍ତମାନ ବୃତ୍ତିଗତ ଟୁର୍ନାମେଣ୍ଟ, ସଂଗଠିତ ପ୍ରତିଯୋଗିତା ଏବଂ ଗେମିଂକୁ ଏକ ଖେଳ ଭାବରେ ବିଚାର କରୁଛନ୍ତି। ଏହି ପରିଭାଷା ଇ-କ୍ରୀଡାକୁ ଅନଲାଇନ୍ ଜୁଆ-ଶୈଳୀର ଖେଳଠାରୁ ପୃଥକ କରେ, ଯାହାକୁ ବିଲ୍ "ମନି ଗେମ୍ସ" ବୋଲି କୁହାଯାଏ, ଯାହା ଏପରି ଶୀର୍ଷକ ଯେଉଁଠାରେ ନଗଦ କିମ୍ବା ମୂଲ୍ୟବାନ ଜିନିଷ ବାଜିରେ ଥାଏ। ଇ-କ୍ରୀଡ଼ା ପରି ନୁହେଁ, ସେଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ବର୍ଗରେ ପଡ଼ିଥାଏ ଏବଂ କଠୋର କଟକଣାର ସମ୍ମୁଖୀନ ହୁଏ। ସରକାର ୨୦୨୨ରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଏକ ମଲ୍‌ଟିସ୍ପୋର୍ଟ ଇଭେଣ୍ଟ ଭାବରେ ଇ-ସ୍ପୋର୍ଟସକୁ ସ୍ୱୀକୃତି ଦେଇସାରିଛନ୍ତି, କିନ୍ତୁ ନୂତନ ବିଲ୍ ସଂରଚିତ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ସହିତ ସେହି ସ୍ୱୀକୃତିକୁ ଆହୁରି ଆଗକୁ ନେବାକୁ ଲକ୍ଷ୍ୟ ରଖିଛି। ପ୍ରକାଶ, ଭାରତ ସରକାର ବିଗତ କିଛି ବର୍ଷ ଧରି ଏହି କ୍ଷେତ୍ର ଉପରେ ନିୟନ୍ତ୍ରଣକୁ କଡ଼ାକରି ଚାଲିଛନ୍ତି। ୨୦୨୩ ଅକ୍ଟୋବରରୁ ଅନ୍‌ଲାଇନ ଗେମିଂ ଉପରେ ୨୮% ଜିଏସଟି ଲାଗୁ କରାଯାଇଛି, ଏବଂ ୨୦୨୪-୨୫ ଆର୍ଥିକ ବର୍ଷରୁ ଗେମରୁ ହାସଲ ଜିତିବା ରାଶି ଉପରେ ୩୦% ଟିକସ ଲାଗୁ ହୋଇଛି। ଏପରିକି ବିଦେଶୀ ଗେମିଂ ପ୍ଲାଟଫର୍ମଗୁଡ଼ିକୁ ମଧ୍ୟ ଟିକସ ପରିଧି ଭିତରେ ଆଣିବା ସହ ଅନିୟମିତ କିମ୍ବା ଅବୈଧ ୱେବସାଇଟଗୁଡ଼ିକୁ ବ୍ଲକ କରିବା ପାଇଁ ସଂସ୍ଥାମାନଙ୍କୁ କ୍ଷମତା ଦିଆଯାଇଛି।

ଗତ ବର୍ଷ ଲାଗୁ କରାଯାଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅଧୀନରେ ନୂଆ ଅପରାଧିକ ଧାରା ଲାଗୁ ହୋଇଛି, ଯାହା ଅନୁମୋଦନ ବିନା ବେଟିଂକୁ ଅପରାଧ ଘୋଷଣା କରି ଏଥିପାଇଁ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜୋରିମାନାର ବ୍ୟବସ୍ଥା କରିଛି। ପ୍ରକାଶ, ୨୦୨୨ରୁ ୨୦୨୫ ଫେବୃଆରୀ ମଧ୍ୟରେ ସରକାର ୧,୪୦୦ରୁ ଅଧିକ ବେଟିଂ ଓ ଜୁଆ ସମ୍ବନ୍ଧୀୟ ୱେବସାଇଟ ଏବଂ ଆପ୍‌ଗୁଡ଼ିକୁ ବ୍ୟାନ୍ କରିଛନ୍ତି। ଜୁଆ ନିଶା ରୋକିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଅଭିଭାବକ ଓ ଶିକ୍ଷକମାନଙ୍କୁ ପରାମର୍ଶ ଜାରି କରିଛି, ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଚ୍ୟାନେଲଗୁଡ଼ିକୁ ଗେମିଂ ବିଜ୍ଞାପନରେ ଆର୍ଥିକ ଲୋଭ ଏବଂ ନିଶା ସମ୍ପର୍କିତ ଚେତାବନୀ ସମ୍ବଳିତ ଡିସକ୍ଲେମର ପ୍ରସାରଣ କରିବାକୁ ନିର୍ଦ୍ଦେଶ ଦେଇଛି।

# ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ

ନୂଆଦିଲ୍ଲୀ: ୨୨ବର୍ଷୀୟା ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ର ମୁକୁଟ ବିଜୟିନୀ ହୋଇଛନ୍ତି। ରାଜସ୍ଥାନର ଜୟପୁର ଠାରେ ଆୟୋଜିତ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ରେ ମନିକା ବିଶ୍ୱକର୍ମା ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ବିଜୟୀ ହୋଇଥିଲେ। ସୋସିଆଲ ମିଡ଼ିଆରେ ସାହସ ଓ ସରଳତା ସହିତ ଲୋକଙ୍କୁ ଆକର୍ଷିତ କରିଥିବା ମନିକା ବିଶ୍ୱକର୍ମା ସୌନ୍ଦର୍ଯ୍ୟଭରା ଆଖି ଏବଂ ଆତ୍ମବିଶ୍ୱାସର ହସ ସହିତ ଜୁରିଙ୍କ ହୃଦୟ ଜିତିଥିଲେ। ଏବେ ସେ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ପ୍ରତିଯୋଗୀତା ଚଳିତ ବର୍ଷ ଶେଷଆଡକୁ ଅନୁଷ୍ଠିତ ହେବାକୁ ଯାଉଛି।

ମନିକା ବିଶ୍ୱକର୍ମା ପେଶାରେ ଜଣେ ମଡେଲ, ସେ ରାଜସ୍ଥାନର ଗଙ୍ଗାନଗରର ବାସିନ୍ଦା। ଗତ କିଛି ବର୍ଷ ହେବ ସେ ଦିଲ୍ଲୀରେ ରହି ମଡେଲିଂ କ୍ୟାରିୟର ଉପରେ ଧ୍ୟାନ ଦେଉଛନ୍ତି ଏବଂ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି। ମନିକା ବର୍ତ୍ତମାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିର ଶେଷ ବର୍ଷର ଛାତ୍ରୀ ଭାବେ ଅଧ୍ୟୟନ ଜାରି ରଖିଛନ୍ତି। ଗତବର୍ଷ ସେ ମିସ୍ ୟୁନିଭର୍ସ ରାଜସ୍ଥାନ ଟାଇଟଲ ଜିତିଥିଲେ। ମନିକା ଜଣେ ପ୍ରଶିକ୍ଷିତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଏବଂ ଜଣେ କଳାକାର ମଧ୍ୟ। ସେ ଲଳିତ କଳା ଏକାଡେମୀ ଏବଂ ଜେ.ଜେ ସ୍କୁଲ ଅଫ୍ ଆର୍ଟସ୍ ଭଳି ପ୍ରତିଷ୍ଠିତ ପ୍ରତିଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି।

# ଭାରତକୁ ରୁଷର ବଡ଼ ପ୍ରସ୍ତାବ, ତେଲ ଉପରେ ୫% ରିହାତି ଦେବୁ

ମସ୍କୋ: ଭାରତ ଉପରେ ଆମେରିକା ଅତିରିକ୍ତ ଟାରିଫ୍ ଲଗାଇବାକୁ ନେଇ ଏବେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମସ୍ୟା ରହିଛି। ଭାରତ ପକ୍ଷରୁ ଏହି ବିବାଦର ସମାଧାନ କରାଯିବା ନେଇ ବାରମ୍ବାର ପ୍ରୟାସ ମଧ୍ୟ କରାଯାଉଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହଂକାର ଏସବୁରେ ବାଧକ ସାଜିଛି। ଟ୍ରମ୍ପ ସିଧାସଳଖ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ରଖିବା ନେଇ କହିବୁଲୁଛନ୍ତି। ୟୁକ୍ରେନ୍ ସହ ରୁଷର ଯୁଦ୍ଧ ବନ୍ଦ କରିବା ଦିଗରେ ତଥା ରୁଷ ଠାରୁ ଭାରତ ତେଲ କିଣୁଥିବା ଅଭିଯୋଗକ୍ରମେ ସେ ଏପରି ନିଷ୍ପତ୍ତି ନେଇଥିବା ଟ୍ରମ୍ପ କହିବୁଲୁଛନ୍ତି। ଆମେରିକା ବିଦେଶ ମନ୍ତ୍ରୀ ମଧ୍ୟ ସମୟେ ସମୟେ ଭାରତକୁ ଆହୁରି ଅଧିକ ଶୁଳ୍କର ଧମକ ଦେଇଚାଲିଛନ୍ତି। ତେବେ ଏସବୁ ମଧ୍ୟରେ ରୁଷ ପକ୍ଷରୁ ଭାରତକୁ ଏକ ବଡ଼ ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଟ୍ରମ୍ପ ଶୁଳ୍କ ଉତ୍ତେଜନା ମଧ୍ୟରେ ରୁଷ ଭାରତକୁ ଅଶୋଧିତ ତେଲ ମୂଲ୍ୟ ଉପରେ ୫% ରିହାତି ପ୍ରଦାନ କରିବା ସହ ଆମେରିକା ତୁଳନାରେ କମ୍ ଶୁଳ୍କରେ ରୁଷ ଭାରତୀୟ ସାମଗ୍ରୀ ପାଇଁ ନିଜ ବଜାର ଉନ୍ମୁକ୍ତ କରିବାକୁ ପ୍ରସ୍ତୁତ ଥିବା କହିଛି। ନୂଆଦିଲ୍ଲୀ ସ୍ଥିତ ରୁଷ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ୟୁକ୍ରେନ ବିବାଦରୁ ରୁଷକୁ ନିବୃତ୍ତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଅନ୍ୟାୟପୂର୍ବକ ବର୍ଦ୍ଧିତ ଶୁଳ୍କ ଲାଗୁ କରିଛନ୍ତି। ତେବେ ଆମେରିକାର ଏପ୍ରକାର ଚାପ ଏବଂ ପ୍ରତିବନ୍ଧକ ସତ୍ତ୍ୱେ ଭାରତ ରୁଷ ଠାରୁ ତେଲ କିଣିବା ଜାରି ରଖିଛି। ସୁତରାଂ ରୁଷ ବର୍ତ୍ତମାନ ୫% ରିହାତି ମୂଲ୍ୟରେ ଭାରତକୁ ତେଲ ଯୋଗାଣ ଜାରି ରଖିବାକୁ ଯୋଜନା କରୁଛି। ଏନେଇ ଭାରତ ସହ ଆଲୋଚନା କରାଯିବ। ଭାରତରେ ରୁଷର ଉପ ବାଣିଜ୍ୟ ପ୍ରତିନିଧି ନିଯୁକ୍ତ ଥିବା ଏଭଜେନି ଗ୍ରୀଭା ମଧ୍ୟ କହିଛନ୍ତି ଯେ, 'ଆଲୋଚନା ସାପେକ୍ଷ, ଭାରତକୁ ରୁଷର ଅଶୋଧିତ ତୈଳ କ୍ରୟ ଉପରେ ୫ ପ୍ରତିଶତ ରିହାତି ରହିବ। ଅନ୍ୟପକ୍ଷେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏପ୍ରକାର ୫% ରିହାତି ପ୍ରସ୍ତାବ ସମ୍ପର୍କରେ ଅବଗତ ହେବା ପରେ ରୁଷ ଠାରୁ ତେଲ ଆମଦାନୀକୁ ସାମୟିକ ସ୍ଥଗିତ ରଖିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଆସିବା ପରେ ସେମାନେ ଆମଦାନୀ ପୁନଃ ଆରମ୍ଭ କରିବେ ବୋଲି କହିଛନ୍ତି। ରୁଷ ମିଶନର ଉପମୁଖ୍ୟ ରୋମାନ୍ ବାବୁସ୍କିନ୍ କହିଛନ୍ତି, 'ଆମେ ନିଶ୍ଚିତ ଯେ ବାହ୍ୟ ଚାପ ସତ୍ତ୍ୱେ ଭାରତ-ରୁଷ ଶକ୍ତି ସହଯୋଗ ଜାରି ରହିବ।' ଭାରତ କାହା ଚାପରେ ନତମସ୍ତକ ହୋଇଯିବା ଭଳି ଦେଶ ନୁହେଁ।

# ନିଟ୍ ପିଜି-୨୦୨୫ ପରୀକ୍ଷାଫଳ ପ୍ରକାଶ

ନୂଆଦିଲ୍ଲୀ: ନ୍ୟାସନାଲ ବୋର୍ଡ ଅଫ୍ ଏକ୍ଜାମିନେସନ୍ ଇନ୍ ମେଡିକାଲ୍ ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ନିଟ୍ ପିଜି-୨୦୨୫ର ଫଳାଫଳ ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏବେ ଏନ୍‌ବିଇଏମ୍‌ଏସ୍‌ର ଅଫିସିଆଲ୍ ୱେବସାଇଟ୍ ଭବଷଭକ୍ତବକ୍ସୟ.ରୟଙ୍କ.ସଭ କିମ୍ବା ଭଭର.ରୟଙ୍କ.ସଭକୁ ଯାଇ ନିଜ ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବହାର ପୂର୍ବକ ଲଗ୍‌ଇନ୍ କରିବା ସହ ସେମାନଙ୍କର ରେଜଲ୍ଟ ଏବଂ କଟ୍‌ଅଫ୍ ସ୍କୋର ଦେଖିପାରିବେ। ତେବେ ସ୍କୋରକାର୍ଡ ଅଗଷ୍ଟ ୨୯, ୨୦୨୫ରେ କିମ୍ବା ତା'ପରେ ଡାଉନଲୋଡ୍ ପାଇଁ ଉପଲବ୍ଧ ହେବ। ସ୍କୋରକାର୍ଡଗୁଡ଼ିକ କେବଳ ୬ ମାସ ପର୍ଯ୍ୟନ୍ତ ଡାଉନଲୋଡ୍ ପାଇଁ ଉପଲବ୍ଧ ରହିବ। ଅଧିକ ବ୍ୟବହାର ପାଇଁ ସ୍କୋରକାର୍ଡର ଏକ କପି ଡାଉନଲୋଡ୍ କରି ସୁରକ୍ଷିତ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# 'ଅଗ୍ନି-୫' ବାଲିଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ: ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ (ଆଇଟିଆର୍)ରୁ ଏହାର ପରମାଣୁ-ସକ୍ଷମ ମଧ୍ୟବର୍ତ୍ତୀ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇଆର୍‌ବିଏମ୍) ଅଗ୍ନି-୫ର ସଫଳତାପୂର୍ବକ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ, ଅଗ୍ନି-୫ ଭାରତର ସବୁଠାରୁ ଉନ୍ନତ ଦୀର୍ଘ-ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟରୁ ଅନ୍ୟତମ। ଏହା ୫,୦୦୦ କିଲୋମିଟରରୁ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଅଟେ। ଆଧୁନିକ ନାଭିଗେସନ, ମାର୍ଗଦର୍ଶନ, ଯୁଦ୍ଧାସ୍ତ୍ର ଏବଂ ପ୍ରପଲ୍‌ସନ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଏହା ଭାରତର ପରମାଣୁ ପ୍ରତିରୋଧକୁ ସୁଦୃଢ଼ କରେ। ଅଗ୍ନି-୫ ହେଉଛି ଏକ ଭୂମି-ଭିତ୍ତିକ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ୍) ଯାହା ଡିଆରଡିଓ ଦ୍ୱାରା ବିକଶିତ ମଲ୍ଟିପଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ୍ ରିଏଣ୍ଟ୍ରି ଭେହିକିଲ୍ (ଏମ୍ଆଇଆରଭି) କ୍ଷମତା ସହିତ ସମାନ। ଆଣବିକ ବ୍ୟବହାର ପାଇଁ ଡିଜାଇନ୍ ହୋଇଥିବା, ଅଗ୍ନି-୫ର କ୍ଷମତା ପରିସର ୫,୦୦୦ କିଲୋମିଟରରୁ ଅଧିକ ରହିଛି। ଏହି କ୍ଷେପଣାସ୍ତ୍ର ଏକକାଳୀନ ତିନୋଟି ପରମାଣୁ ଯୁଦ୍ଧାସ୍ତ୍ର ବହନ ଏବଂ ଗୁଳିଚାଳନା କରିପାରିବ। ତେବେ ଏହି ପରୀକ୍ଷଣ ଦ୍ୱାରା ଚୀନ୍, ପାକିସ୍ତାନ, ତୁର୍କୀ ଏବେ ଭାରତର ରେଞ୍ଜ ମଧ୍ୟକୁ ଚାଲିଆସିଛନ୍ତି।

# ନାଗଦେବତା ମୋ ମିତ



**ଶ୍ୱେତା ରାଉତ**

ଗମ୍ ଗମ୍ ଝାଳ ବହିଯାଉଥାଏ। କାନ୍ଦ କାନ୍ଦ ହୋଇ ଚିତ୍କାର କରି ଉଠିଲି ମୁଁ 'ସେ ଚାଲିଯାଉଛି ତାକୁ ଅଟକାଅ, ଫେରିଆସ ନାଗଦେବତା...ତୁମେ ଫେରିଆସ।' କେତେ ଗୁଡ଼ାଏ ନାଗସାପ ମୋ ଉପରକୁ ଚଢ଼ି ଯାଉଥାନ୍ତି, ଯେମିତି କୌଣସି ନିର୍ଜୀବ ଖମ୍ବ ଉପରେ ଖେଳୁଥାନ୍ତି ସେମାନେ। ମୋର କୌଣସି କ୍ଷତି କରୁନଥାନ୍ତି ସେମାନେ କିନ୍ତୁ ଏତେ ଗୁଡ଼ାଏ ନାଗସାପଙ୍କୁ ନିଜ ଉପରେ ଦେଖି ଭୟରେ କାନ୍ଦି ଉଠୁଥାଏ ମୁଁ। ପାଟି ଓଠ ଅଠା ହୋଇ ଯାଉଥାଏ ଭୟରେ। ମୋର ଚିତ୍କାର ଶୁଣି ଉଠିପଡ଼େ ମାଆ। ଏତେ ଶୁନ୍‌ଶାନ ଅନ୍ଧାର ରାତିଟାରେ କାହିଁକି କାନ୍ଦୁଛୁ ବୋଲି ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅରେ ଅଣ୍ଡାଳି ହେଉଥାଏ ମୋତେ। ମୁଁ ସାପ ସାପ କହି ଚିତ୍କାର କରୁଥାଏ। ସେତେବେଳେ ବୟସ ୧୦-୧୧ ବର୍ଷ ହେବ। ସ୍ୱପ୍ନ ଆଉ ବାସ୍ତବର ଫରକ ବୁଝିବାର ବୟସ ବୋଧେ ହୋଇନଥିଲା ମୋର। ସ୍ୱପ୍ନରେ ମୁଁ ସାପମାନଙ୍କୁ ଦେଖି ଚିତ୍କାର କରୁଥିଲି। ମାଆ ଲଣ୍ଠନକୁ ଆଉ ଟିକେ ତେଜି ଦେଇ ମୋତେ ବୁଝାଇବାକୁ କହିଲା–

ଆଖି ଖୋଲ ଦେଖ୍ ତୁ ସ୍ୱପ୍ନରେ ସାପ ଦେଖିଛୁ ସତରେ ନୁହେଁ, କାନ୍ଦ ବନ୍ଦ କରି ଆ ମୋ ପାଖରେ ଶୋଇପଡ଼। କ'ଣ ଗୋଟେ ଠାକୁର ପୂଜାରେ ଅନ୍ୟାଚାର ହୋଇ ଯାଇଥିବ ତେଣୁ ନାଗଦେବତା ସ୍ୱପ୍ନରେ ଆସିଲେ। କାଲି ସକାଳୁ ଉଠି ମହାଦେବଙ୍କୁ କ୍ଷମା ମାଗି ଶିବ ମନ୍ଦିରରେ ଟିକେ କ୍ଷୀର ଢ଼ାଳିଦେବୁ।

ମାଆର ବହୁତ ଅନ୍ଧବିଶ୍ୱାସ। ଘରେ କେହି କିଛି ଭୟଙ୍କର ସ୍ୱପ୍ନ ଦେଖିଲେ ମାଆ ସିଧା ଯାଇ ଯୋଡ଼ିଦେବ ଅନ୍ୟାଚାର ପାଖରେ। ସକାଳୁ ଉଠି ଠାକୁର ଘର ଲିପାପୋଛା କରି ପୂଜା ଆରମ୍ଭ କରିଦେବ। ନ ହେଲେ ମନ୍ଦିର ଯାଇ ଶିବ ମନ୍ଦିରରେ କ୍ଷୀର ଢ଼ାଳି କ୍ଷମା ମାଗିବ। ସେଦିନ ରାତିରେ ମୁଁ ଯେମିତି ନାଗସାପମାନଙ୍କୁ ସ୍ୱପ୍ନରେ ଦେଖିଲି ସେଇଟା ଗୋଟିଏ ଦିନର କଥା ନଥିଲା। ପ୍ରାୟ ସବୁଦିନ ମୁଁ ସାପ ସ୍ୱପ୍ନ ଦେଖୁଥିଲି। ଯେମିତି, ନିଦ ଆସିଲେ ମୁଁ ଗୋଟିଏ ସାପମାନଙ୍କ ସାମ୍ରାଜ୍ୟକୁ ଚାଲି ଯାଉଥିଲି। ରାତିରେ ସାପସ୍ୱପ୍ନ ଦେଖି ସବୁଦିନ ବିଚଳିତ ହୋଇ ଠିକ୍‌ରେ ଶୋଇପାରେନି ମୁଁ। ମାଆ ମୋତେ ବୁଝେଇ ସୁଝେଇ କୋଳରେ ଆଉଜି ଶୁଆଇଦିଏ। ହେଲେ ଦିନ ତମାମ ମୁଁ ଅନ୍ୟମନସ୍କ ରୁହେ। ପାଠପଢ଼ାରେ ମନ ଲାଗେନି। ମାଆ ମଧ୍ୟ ବହୁତ ଚିନ୍ତାରେ ଥାଏ ମୋତେ ନେଇ।

ଦିନେ ସକାଳୁ ସକାଳୁ ମୁଁ ସାଙ୍ଗମାନଙ୍କ ସହିତ ସ୍କୁଲ ବାହାରି ଯାଏ। ସ୍କୁଲ ଦ୍ୱାର ମୁହଁରେ ପହଞ୍ଚିଲା ବେଳକୁ ଦେଖେ ମୋ ପାଦ ପାଖରେ ଗୋଟେ ପିତଳ ନାଗ ସାପ। ଫଣା ଟେକି ଠିଆ ହେଲା ପରି ରହିଛି। ସେ ସାପକୁ ଦେଖି ମୁଁ ଚମକି ପଡ଼ିଲି, ଚିତ୍କାର କରି ଉଠିଲି। ପ୍ରଥମେ ଭାବିଲି ସବୁଦିନ ସାପସ୍ୱପ୍ନ ଦେଖିବାର ଏଇଟା ଗୋଟେ ପ୍ରତିଫଳନ ବୋଧହୁଏ। କିନ୍ତୁ ସାଙ୍ଗମାନେ କୁହାକୁହି ହେଲେ ଏଇଟା ପିତଳ ନାଗସାପ। ସାପଟିକୁ ହାତରେ ଉଠାଇ ପ୍ରଧାନଶିକ୍ଷକଙ୍କ ପାଖକୁ ଗଲି। ସାର୍ କହିଲେ 'ସ୍କୁଲକୁ ଲାଗି ଯେଉଁ ଶିବ ମନ୍ଦିର, ବୋଧହୁଏ କେମିତି ମନ୍ଦିରର ସାପଟା ବାହାରେ ପଡ଼ିଯାଇଛି କିମ୍ବା କୌଣସି ପୂଜକର ତ୍ରୁଟି ସ୍ୱରୂପ ଏ ସାପ ବାହାରେ ପଡ଼ିଯାଇଛି। ତୁ ବ୍ୟସ୍ତ ହଅନି ଯାଆ ସ୍କୁଲରେ ବସ।'

ପ୍ରଧାନଶିକ୍ଷକଙ୍କ କଥା ଶୁଣି ଟିକେ ନୀରବି ଗଲି। ବୋଧହୁଏ ସାର୍ ଠିକ୍ କହୁଛନ୍ତି। ତେଣୁ ଅଯଥା ଭୟ ନକରି ପିତଳ ସାପଟିକୁ ବ୍ରାହ୍ମଣଙ୍କୁ ଦେଇଦେଲି ମନ୍ଦିରରେ ରଖିଦେବାକୁ। ଅପରାହ୍ନରେ ସ୍କୁଲରୁ ଫେରି ମାଆକୁ ସବୁକଥା କହିଲି। ମାଆ ଆଶ୍ଚର୍ଯ୍ୟ ହୋଇ ଚିନ୍ତାରେ ପଡ଼ିଗଲା। ଏମିତି କାହିଁକି ହେଉଛି ମୋ ଝିଅ ସହ। ସେଦିନ ରାତିରେ ମୁଁ ପୁଣି ସ୍ୱପ୍ନରେ ସେହି ସାପମାନଙ୍କୁ ଦେଖିଲି, ଭୟରେ ଚିତ୍କାର କଲି। ମାଆ ମୋତେ ବୁଝାସୁଝା କରି ସାନ୍ତ୍ୱନା ଦେଇ କହିଲା "ତୁ ଶୋଇପଡ଼ ମା' ମୁଁ ତୋତେ ଜଗିକି ବସିଛି। କାଲି ସକାଳେ ପୁରୋହିତଙ୍କୁ ଡାକି କ'ଣ ପୂଜାର ବ୍ୟବସ୍ଥା କରିବା। ତୋ'ର ଗ୍ରହ ବୋଧେ ଭଲ ନାହିଁ।"

ମାଆ ରାତିସାରା ମୋତେ ଜଗି ବସିଥାଏ। ମୁଁ ମାଆ କୋଳରେ ମୁଣ୍ଡ ରଖି ଶୋଇପଡ଼ିଲି। ପରଦିନ ପିତଳ ସାପକୁ ନେଇ ସ୍କୁଲରେ, ଗାଁ ଦାଣ୍ଡରେ ଖୁବ୍ ଚର୍ଚ୍ଚା। ଗାଁରେ ବୋଧେ ଅଶୁଭ କାଳ ଆସିଛି ନ ହେଲେ ମନ୍ଦିରର ସାପ ବାହାରେ ପଡ଼ନ୍ତା କେମିତି! ମହାଦେବ ବୋଧେ କ୍ରୋଧିତ ଅଛନ୍ତି, ତେଣୁ ସେ ମନ୍ଦିର ଛାଡ଼ି ଚାଲିଯାଇଛନ୍ତି! ଏମିତି ଅନେକ ଅନ୍ଧବିଶ୍ୱାସ ପୂର୍ଣ୍ଣ ମନ୍ତବ୍ୟ ଗାଁ ସାରା ଗୁଞ୍ଜରଣ ହେଉଥାଏ। ପରଦିନ ସକାଳୁ ପୁଣି ମୁଁ ସ୍କୁଲ ଗଲି ସାଙ୍ଗମାନଙ୍କ ସହ। ମଧ୍ୟାହ୍ନରେ ରିସେସ୍ ପିରିୟଡ଼ରେ ଆମେ ଘରକୁ ଖାଇବାକୁ ଯାଉ। ଖାଇସାରି ସ୍କୁଲକୁ ଫେରିବା ବେଳେ ସ୍କୁଲ ଗଡ଼ାଣିରେ ମୁଁ ଝୁଣ୍ଟି ପଡ଼ିଲି। କ'ଣ ଗୋଟେ ଗୋଡ଼ରେ ଛନ୍ଦି ହେଲା ଭଳି ଲାଗିଲା। ତଳକୁ ଚାହିଁ ଦେଖେ ତ ଆଉ ଗୋଟେ ପିତଳ ସାପ। ମୁଁ ଗୋଡ଼ରେ ଛାଟି ଦେଲି ସାପଟିକୁ ଭୟରେ। ମୋ ସାଙ୍ଗମାନେ ଭୟରେ ମୋ'ଠୁ ସମସ୍ତେ ଦୂରେଇଗଲେ। ଦୌଡ଼ି ଦୌଡ଼ି ଯାଇ ମନ୍ଦିରର ବ୍ରାହ୍ମଣ ଭାଇନା ଓ ସାରଙ୍କୁ ଡାକି ଆଣିଲି। ମୁଁ ବ୍ରାହ୍ମଣ ଭାଇନାଙ୍କୁ ଦେଖି ଡର ଡର ହୋଇ ସାପଟିକୁ ହାତରେ ଉଠାଇ ଧରିଲି। ଏଇ ସାପଟା ପ୍ରଥମ ସାପଠାରୁ ଆଉ ଟିକେ ବଡ଼ ଥିଲା। ମୋ ହାତ ଥରୁଥାଏ। ସାଙ୍ଗମାନେ ମୋତେ ଚିଡ଼ାଉଥାନ୍ତି 'ମାମାକୁ କାହିଁକି ସବୁବେଳେ ସାପ ମିଳୁଛି? ଇଏ ବୋଧେ ନାଗୁଣୀ, ମଣିଷ ନୁହେଁ। ସେ ସବୁବେଳେ ସାପ ସ୍ୱପ୍ନ ଦେଖୁଛି ବୋଲି କହୁଥିଲା। ଏବେ ମନ୍ଦିରର ସାପ ଗୁଡ଼ିକ ତା ପାଖକୁ କେମିତି ଆସୁଛନ୍ତି। ସେ ନିଜେ ଚୋରି କରି ନେଇ ଆସୁନି ତ! ସ୍କୁଲ ପିଲା, ଶିକ୍ଷକ, ଗ୍ରାମବାସୀ ସମସ୍ତଙ୍କର ଏକ ପ୍ରକାର ସନ୍ଦେହପୂର୍ଣ୍ଣ ଆଖି ମୋ ନିରୀହ ମୁହଁ ଉପରେ ଥାଏ। କେହି ମୋତେ ଚୋରଣୀ କହୁଥାନ୍ତି ତ କେହି କହୁଥାନ୍ତି ନାଗୁଣୀ। ମୁଁ ପିତଳ ସାପଟିକୁ ବ୍ରାହ୍ମଣ ଭାଇନାଙ୍କୁ ଧରେଇ ଦେଇ କାନ୍ଦି କାନ୍ଦି ଦଉଡ଼ିଲି ସ୍କୁଲ ପଛପାଖ କୂଅ ପାଖକୁ। ମନ୍ଦିର ସାମନାରେ ଥାଏ କୂଅ। ଚାରିକଡ଼ ପକ୍କା ଚଟାଣ। ସେଇଠି ବସି ତଳକୁ ମୁହଁମାଡ଼ି କାନ୍ଦୁଥାଏ। ଛୋଟ ପିଲାଟେ ମୁଁ କାହାକୁ କିଛି କହିପାରୁନଥାଏ। ଚଟାଣ ଉପରେ ବସି ତଳେ ଥିବା ଘାସ ଗାଲିଚାକୁ ଗୋଟେ କାଠିରେ ଆଡ଼ଉଥାଏ ଆଉ କାନ୍ଦୁଥାଏ। କେହି ହୁଏତ ବିଶ୍ୱାସ କରି ନ ପାରନ୍ତି ଯେ, ସେଇଠି ବି ମୁଁ ଆଉ ଗୋଟେ ପିତଳ ସାପ ପାଇଲି। ମୁଁ ସେ ସାପକୁ ଦେଖି ନିର୍ବାକ। ମୁଁ ପିନ୍ଧିଥିବା ଫ୍ରକରେ ଗୁଡ଼େଇ ଲୁଚେଇ ଦେଲି ଛୋଟ ପିତଳ ସାପଟିକୁ କିନ୍ତୁ ସ୍କୁଲ ଝରକାରେ କେହି ଜଣେ ଦେଖି ଦେଇଥିଲା, ସେ ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ କହିଦେଲା। ସେତେବେଳକୁ ବ୍ରାହ୍ମଣଭାଇନା ଓ ଗ୍ରାମ ଲୋକେ ମୋ ମାଆକୁ ସ୍କୁଲକୁ ଡାକି ଦେଇଥିଲେ। ବ୍ରାହ୍ମଣଭାଇନା ଆସି ମୋ ହାତରୁ ସାପଟି ନେଇଗଲେ। ମୋ ଚାରିକଡ଼େ ଘେରି ରହିଥାନ୍ତି ଅନେକ ଲୋକ। ସ୍କୁଲର ସବୁ ସାର୍‌ମାନେ, ପିଲାମାନେ, ଗାଁଲୋକ, ଗାଁର ବ୍ରାହ୍ମଣମାନେ, ମନ୍ଦିର ପୂଜକ ଆଉ ଚିନ୍ତାରେ ପଡ଼ି ସ୍ତବ୍ଧ ପାଲଟି ଯାଇଥିବା ମୋ ମାଆ।

ବ୍ରାହ୍ମଣ ଭାଇନା ମୋ ମୁହଁକୁ ବଲବଲ କରି ଚାହିଁଥାନ୍ତି। ମାଆ କାକୁସ୍ତ ହୋଇ ଭାଇନାଙ୍କୁ ପଚାରିଲା 'ଆପଣ କୁହନ୍ତୁ ଭାଇନା ମୋ ଝିଅ କାହିଁକି ଏମିତି ସାପ ସ୍ୱପ୍ନ ଦେଖୁଛି ସବୁଦିନ, କାହିଁକି ତାକୁ ମନ୍ଦିରର ପିତଳ ସାପ ସବୁ ମିଳୁଛନ୍ତି। ମୁଁ କ'ଣ ପ୍ରତିକାର କଲେ ମୋ ଝିଅର ରିଷ୍ଟ ଖଣ୍ଡନ ହେବ?

ବ୍ରାହ୍ମଣ ଭାଇନା ସନ୍ଦେହ ଜନକ ଭାବେ ମାଆ ଆଡ଼କୁ ଚାହିଁ କହିଲେ 'ଝିଅ କ'ଣ ସାପର ମୂର୍ତ୍ତି ପୂଜା କରୁଛି କି? ନା ତୁମ ଘରେ କେହି ନାଗଦେବତାଙ୍କ ପୂଜା କରୁଛ କିମ୍ବା ମହାଦେବଙ୍କ ସାଧନା କରୁଛ କି?

ମାଆ ମୁଣ୍ଡ ହଲାଇ ନାହିଁ କଲା। ହେଲେ ବ୍ରାହ୍ମଣଭାଇନା ଯେହେତୁ ଆମ ଗାଁ ଲୋକ ସେ ଜାଣିଥିଲେ ପୂର୍ବରୁ ଆମ ଘରେ ବିରାଟ ବଡ଼ ବଡ଼ ଦୁଇଟି ନାଗ ନାଗୁଣୀ ଓ ସେମାନଙ୍କର ୩୬ଟି ନାଗ ଛୁଆଙ୍କୁ ନେଇ ଆମ ଘରେ ରହୁଥିଲେ। ବହୁଦିନ ଯାଏ ଆମେ ମାନେ ସାପମାନଙ୍କ ଗହଣରେ ରହିଥିଲୁ। କେବେ କେବେ ମୁଁ ଶୋଇଥିବା ବେଳେ ମୋ ହାତ ମୁଠାରେ ବି ସାପ ରହି ଯାଇଥାଏ। ବାପାଙ୍କ ତକିଆ ତଳେ, ଆମ ଆଲମିରା ଭିତରେ ସବୁଆଡ଼େ ରହୁଥାନ୍ତି ନାଗସାପଗୁଡ଼ିକ। ବାପା କଳାହାଣ୍ଡିରେ ଚାକିରିରେ ରୁହନ୍ତି। ତେଣୁ ମାଆ ଭୟରେ ଆମମାନଙ୍କ ସୁରକ୍ଷା ପାଇଁ ସେଇ ସାପ ଗୁଡ଼ିକୁ ଯାଜପୁର ରୋଡ଼ରୁ ଗୁଣିଆ ଡକାଇ ବାହାର କରିଦେଇଥିଲା। କେତେ ଗୁଡ଼ିଏ ନାଗ ଛୁଆଙ୍କୁ ଆମ ସାହି ଲୋକ ମାରି ଦେଇଥିଲେ। ବ୍ରାହ୍ମଣ ଭାଇନା ଏସବୁ କଥା ଜାଣି ଥିଲେ। କିନ୍ତୁ ସେ ମଧ୍ୟ ଆଶ୍ଚର୍ଯ୍ୟ ହେଉଥିଲେ ଯେ ମୋତେ କାହିଁକି ଏ ସାପଗୁଡ଼ିକ ମିଳୁଛନ୍ତି! ସେ ମାଆକୁ ପଚାରିଲେ "ଝିଅ କ'ଣ କିଛି ପୂଜା, ସାଧନା କରେ କି?" ମାଆ କହିଲା 'ହଁ ସେ ଗାୟତ୍ରୀଙ୍କୁ ପୂଜା କରେ। ପିଲାଟି ଦିନରୁ ଆମିଷ ଖାଏ ନାହିଁ। ସବୁଦିନ ଗାୟତ୍ରୀ ମନ୍ତ୍ର ଜପ କରେ। ଯେତେବେଳେ ଦେଖିଲେ ବାପ, ଝିଅ ବସି ପୁରାଣ ଚର୍ଚ୍ଚା କରୁଥାନ୍ତି। ପିଲାଟି ଦିନରୁ ସେ ଗାୟତ୍ରୀଙ୍କ ଉପାସନା କରେ।'

ବ୍ରାହ୍ମଣ ଭାଇନା ମାଆକୁ କହିଲେ "ତେବେ ସେ ନାଗ ଦେବତାଙ୍କ ମୂର୍ତ୍ତି ନେଇ ଘରେ ରଖି ପୂଜା କରୁ। ମୁଁ ଭାବୁଛି ନାଗ ଦେବତାଙ୍କର ଇଚ୍ଛା ତା ହାତରେ ପୂଜା ପାଇବାକୁ।"

ମାଆ ସଙ୍ଗେ ସଙ୍ଗେ ବିଚଳିତ ହୋଇ ମନା କରିବାକୁ ଲାଗିଲା–

ନାଇଁ ନାଇଁ ଭାଇନା, ଲୋକେ କୁହନ୍ତି ଦେଖିବା ସାପକୁ ଗାତରେ ଯିବାକୁ ଦିଅନ୍ତିନି। ସେମାନଙ୍କ ସ୍ୱଭାବ ଚୋଟ ମାରିବା। ମୋ ଝିଅର କିଛି ତ୍ରୁଟି ହୋଇଗଲେ ପୂଜା ବିଧିରେ ସେ କୋପ କରିବେ। ତେଣୁ ମୋ ଘରେ ନାଗ ସାପର ପୂଜା କରାଇବାକୁ ଚାହେଁନି ମୁଁ। ମାଆ ସହିତ ଅନ୍ୟ ଲୋକମାନେ ମଧ୍ୟ ମାଆ କଥାରେ ଏକମତ ହେଲେ। ବ୍ରାହ୍ମଣ ଭାଇନା ମାଆକୁ କିଛି ପ୍ରତିକାର କରିବାକୁ ଯାଇ କହିଲେ–

ତେବ ଗୋଟେ କାମ କର ଗୋଟେ ବଡ଼ ପିତଳ ନାଗସାପ ଝିଅ ହାତରେ ଦେଇ ମନ୍ଦିରରେ ପ୍ରତିଷ୍ଠିତ ପାତାଳ ଫୁଟା ଶିବଲିଙ୍ଗଙ୍କ ପାଖରେ ନିଜର କ୍ଷମା ପ୍ରାର୍ଥନା କରି ମହାଦେବଙ୍କୁ ଗୁହାରି କରି କୁହ "ପ୍ରଭୁ ମୁଁ ଛୋଟ ପିଲା ତୁମକୁ ଘରେ ରଖି ପୂଜା କରିପାରିବିନି, ତେଣୁ ମନ୍ଦିରରେ ତୁମକୁ ସ୍ଥାପନା କଲି। ଏଇ ମନ୍ଦିରକୁ ଆସି ମୁଁ ତୁମର ପୂଜା କରିବି।" ମାଆ ବ୍ରାହ୍ମଣଭାଇନାଙ୍କ ଏ କଥାରେ ରାଜି ହେଲା।

ବ୍ରାହ୍ମଣ ଏକ ନିର୍ଦ୍ଦିଷ୍ଟ ଓଜନ କହିଲେ ଯେଉଁଥିରେ ସେ ନାଗସାପ ନିର୍ମିତ ହେବ। ମାଆ ଘରକୁ ଯାଇ ବାପାଙ୍କୁ ଚିଠି ଲେଖିଲା। ଚିଠିରେ ସମସ୍ତ କଥା ଲେଖି ଜଣାଇଲା। ସେତେବେଳେ ଆମ ଗାଁରେ ବି ଫୋନ୍ ନଥାଏ। ତେଣୁ ଚିଠି ପାଇ ବାପା ନାଗସାପ ତିଆରି କରି ଆଣିବାକୁ ସମୟ ଲାଗିଲା। ସେତେଦିନ ଯାଏ କେହି ମୋ ସହିତ ସାଙ୍ଗ ହେଉନଥିଲେ। ସମସ୍ତଙ୍କ ନଜରରେ ମୁଁ ଥିଲି ନାଗୁଣୀ। ମାଆ ସବୁଦିନ ମୋତେ ମନ୍ଦିର ନେଇ ଆସେ, ମୁଁ ସେଇଠି ପୂଜା କରେ। ବ୍ରାହ୍ମଣଙ୍କ କହିବା ଅନୁସାରେ ବାପା ପିତଳ ନାଗ ସାପ ଆଣି ମୋତେ ନେଇ ମନ୍ଦିରରେ ରୁଦ୍ରାଭିଷେକ କଲେ। ମୁଁ ନାଗସାପକୁ ମନ୍ଦିରରେ ସ୍ଥାପନା କରାଇ ସେଇଠି ଠାକୁରଙ୍କ ପୂଜା କରିବାକୁ ଗୁହାରି କରି ମହାଦେବଙ୍କୁ କ୍ଷମା ମାଗି ଘରୁ ଫେରି ଆସିଲି। ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଯେ ମୁଁ ସେଦିନ ରାତିରେ ସାପ ସ୍ୱପ୍ନ ଦେଖି ନଥିଲି କିନ୍ତୁ ପରଦିନ ମୋ ପାଇଁ ଆଉ ଏକ ଚମତ୍କାର ଦିନ ଥିଲା କେହି ବିଶ୍ୱାସ କରିପାରିବେ ନାହିଁ। ଯେମିତି ମୁଁ ବିଶ୍ୱାସ କରିପାରିନଥିଲି।

ସବୁଦିନ ସନ୍ଧ୍ୟାରେ ମୁଁ ଗାୟତ୍ରୀ ଜପ କରେ। ସେଦିନ ବି ମୋ ଭାଇ ଭଉଣୀଙ୍କୁ ନେଇ ସନ୍ଧ୍ୟାରେ ଧୂପ, ଝୁଣା ଲଗାଇ ଗାୟତ୍ରୀ ଜଣାଣ ଗାଉଥାଏ। ଦେଖିଲି ମାଆ ଗାୟତ୍ରୀଙ୍କ ପ୍ରତିମା ପଛପଟେ କାଚ ପରି ଚିକ୍ ଚିକ୍ କ'ଣ ଗୋଟେ ଦିଶୁଛି। ଭାଇ ଭଉଣୀ ଖୁବ୍ ଛୋଟ ଥିଲେ। କାଳେ ଡରିବେ ବୋଲି ସେମାନଙ୍କୁ ବାହାରକୁ ପଠାଇ ଦେଲି ମୁଁ କିଛି ସମୟ ବସି ରହିଲି। ଗାୟତ୍ରୀଙ୍କ ପ୍ରତିମା ସାମନାରେ ଥିବା ବେଳେ ବୋଧହୁଏ ମୁଁ ବିଶ୍ୱରେ ଆଉ କୌଣସି ଶକ୍ତିକୁ ଡରେ ନାହିଁ। କିଛି ସମୟ ପରେ ଦେଖିଲି ଠିକ୍ ସେମିତି ଗୋଟେ ସାପ ଫଣା ଟେକି ଗାୟତ୍ରୀ ପ୍ରତିମା ଉପରେ ମୁହଁ ଦେଖାଇ ରହିଛି। ମୁଣ୍ଡରେ କଡ଼ଉ ଚିହ୍ନ। ମୁଁ ଏଥର ବିଶ୍ୱାସ କରିଯାଇଥିଲି ଏ ସାପ ସାଧାରଣ ନୁହେଁ। ହେଲେ ଏକଥା କାହାକୁ କହିଲି ନାହିଁ। କାଳେ ବ୍ରାହ୍ମଣ କିମ୍ବା ମୋ ବାପା, ମା ଭୟ କରି ମୋର ଏ ସାପକୁ ମୋ'ଠୁ ଦୂରେଇ ଦେବେ! ସବୁଦିନ ମୁଁ ପୂଜା କଲାବେଳେ ସେ ଆସେ। ଯେ ପର୍ଯ୍ୟନ୍ତ ସେ ନ ଆସିଥାଏ ମୁଁ ମୋ ପୂଜା ସ୍ଥାନରୁ ଉଠେ ନାହିଁ। ତାକୁ ନ ଦେଖିଲେ ମୁଁ ବ୍ୟସ୍ତ ହୋଇପଡ଼େ। ଏମିତି ସବୁଦିନ ମୁଁ ତା ସହିତ ମୋର ସମୟ କାଟେ।

ମାଆ ବୋଧେ ମୋତେ ସନ୍ଦେହ କରିବା ଆରମ୍ଭ କରିଦେଇଥିଲା। ଧୀରେ ଧୀରେ ମୁଁ କେମିତି ବଦଳି ଯାଉଥିଲି। ପ୍ରାର୍ଥନା କଲାବେଳେ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଉନଥିଲି ପୂଜା ଘରକୁ। ଆବଶ୍ୟକରୁ ଅଧିକ ସମୟ ପୂଜା ଘରେ କାଟୁଥିଲି। ମୁଁ ମୋର ଖୁସିକୁ କାହାକୁ ଜଣାଇପାରୁନଥିଲି ଯେ ବ୍ରାହ୍ମଣ ଭାଇନା କହିଥିଲେ ନାଗଦେବତା ଚୁଆଡ଼େ ମୋ ଠାରୁ ପୂଜା ପାଇବାକୁ ଚାହାଁନ୍ତି। ଆଉ ଯେତେବେଳେ ମୋ ଗାୟତ୍ରୀଙ୍କ ପ୍ରତିମା ପାଖରେ ତାଙ୍କୁ ଜୀବନ୍ତ ଦେଖିଲି ମୋ ଖୁସିର ଠିକଣା ନଥିଲା। ବହୁଦିନ ଯାଏ ସେ ସାପ ସହିତ ଚାଲିଲା ମୋର ନିବିଡ଼ ସମ୍ପର୍କ। ଅଲୌକିକ ସମ୍ପର୍କ। ଯାହା କେହି ବିଶ୍ୱାସ କରିପାରିବେନି ସେ ସାପ ମୋର କୌଣସି କଥାର ଉତ୍ତର ଦିଏନି ସତ, ମୁଁ କିନ୍ତୁ ସବୁଦିନ ତା ସହିତ ଗପେ। ସାଙ୍ଗ ଭଳି ସବୁ କଥା କହିଯାଏ। ସେ ଖାଲି ଆଖି ତରାଟି ଚାହିଁଥାଏ ମୋ ଆଡ଼କୁ। ଖାଇବା ପିଇବା, ଛାଡ଼ି ସବୁବେଳେ ଘଣ୍ଟା ଘଣ୍ଟା ପୂଜା ଘରେ ରହିବା ଦେଖି ମାଆ ବହୁତ ବିରକ୍ତ ହୁଏ ମୋ ଉପରେ। ଦିନେ ମୁଁ ପୂଜା ଘରେ ଥିବା ସମୟରେ ସେ ଜାଣିବାକୁ ଚାହିଁଲା ମୁଁ କ'ଣ କରୁଛି! ଆମର ସେତେବେଳେ ମାଟିଘର ଥିଲା। କାନ୍ଥରେ ଥିଲା ଚାଖଣ୍ଡେ ହେବ ଛୋଟ ଫାଙ୍କଟିଏ। ମାଆ ସେଇ ଫାଙ୍କରେ ଲୁଚି ଲୁଚି ଦେଖିଲା। ମୁଁ ମା ଗାୟତ୍ରୀଙ୍କ ସାମନାରେ ଆଣ୍ଠୁ ମାଡ଼ି ବସିଛି ଆଉ ମୋ ସାମନାରେ ଗାୟତ୍ରୀଙ୍କ ପ୍ରତିମା ପଛପଟୁ ଗୋଟେ ନାଗସାପ ମୁହଁ କାଢ଼ି ରହିଛି। ମୁଁ ତାକୁ ମୋ କଥା ଶୁଣାଉଛି। ମାଆ ଆଉ ଅପେକ୍ଷା ନ କରି କବାଟ ଖୋଲି ପଶି ଆସିଲା ଘର ଭିତରକୁ "ବାହାରକୁ ଚାଲ, ତୋତେ କ'ଣ ଦେଖାଯାଉନି ତୋ ଆଗରେ ଗୋଟେ ସାପ କାନ୍ଥରୁ ମୁହଁ କାଢ଼ି ରହିଛି। କି' ପୂଜା କରୁଛୁ ତୁ"? ମାଆ ମୋ ହାତକୁ ଧରି ଭିଡ଼ି ଆଣିଲା ବାହାରକୁ।

ଇଚ୍ଛା ହେଉଥିଲା ମାଆକୁ ସବୁ ସତ କଥା କହିଦେବାକୁ ହେଲେ କାଳେ ମୋ ସାପକୁ ମୋ ଠୁ କିଏ ଛଡ଼େଇ ନେବ ଭୟରେ କିଛି ନ କହି ଚୁପ୍ ରହିଗଲି ମୁଁ। ସବୁଦିନ ଆମ ଘରକୁ ଅର୍ଜୁନା ବଡ଼ ବାପା (ବ୍ରାହ୍ମଣ) ପୂଜା କରିବାକୁ ଆସନ୍ତି। ଦିନେ ସେ ପୂଜା କରିବା ସମୟରେ ଦେଖିଦେଲେ ମୋ ସାପକୁ। ଆଉ ଭୟରେ ପୂଜା ନ କରି ବାହାରକୁ ବାହାରି ଆସିଲେ। ମାଆକୁ ଡାକି କହିଲେ ଏ ସାପକୁ ବାହାର କର ନ ହେଲେ ମୁଁ ଆଉ ତୁମ ଠାକୁର ପୂଜା କରିବାକୁ ଆସିବିନି। ଅର୍ଜୁନା ବଡ଼ବାପାଙ୍କ କଥା ଶୁଣି ମୁଁ କାନ୍ଦି ଉଠିଲି, କିଛି ଖାଇନଥିଲି ଦିନ ସାରା। ଏଥର ଆଉ ଲୁଚାଇ ହେବନି, ସବୁ ସତ କଥା ମାଆକୁ କହିବାକୁ ପଡ଼ିବ। ହେଲେ ସାପ ଥିଲେ ମାଆକୁ ବୁଝାଇ ଦେଇଥାନ୍ତେ। ମାଆ କ'ଣ ମୋତେ ବିଶ୍ୱାସ କରି ମୋ କଥାରେ ରାଜି ହେବ! ଏମିତି ଅନେକ କଥା ଭାବି ଶେଷରେ ସ୍ଥିର କଲି ମାଆକୁ କହିଦେବି।

ସନ୍ଧ୍ୟାରେ ପ୍ରାର୍ଥନା ସମୟରେ ମାଆକୁ ଡାକିଲି। କହିଲି ମାଆ ତୁ ପାଟି ନକରି ଦେଖ୍ ପରେ ଯାହା କହିବୁ ମାନିବି। ମାଆ ଚୁପଚାପ୍ ଦେଖିଲା ମୋ ସାପ ଫଣାଟେକି କାନ୍ଥରୁ ବାହାରିଲା। ସେଇ ନିର୍ଦ୍ଦିଷ୍ଟ ଜାଗାରେ ଯେଉଁଠି ସେ ସବୁଦିନ ରୁହେ। କେବେ ତାକୁ ଘର ଭିତରେ ଆଉ କୋଉଠି ବୁଲିବାର ଦେଖିନୁ ଆମେ। ମୋ ପ୍ରାର୍ଥନା ସରିବା ଯାଏ ସେମିତି ଚାହିଁଥାଏ ବାହାରକୁ। ପ୍ରାର୍ଥନା ସରିବା ପରେ ପୁଣି ପଶିଯାଏ ତା'ସୁଡ଼ଙ୍ଗ ଭିତରେ। ମାଆ ନିର୍ବାକ ହୋଇଯାଇଥିଲା।

ତାକୁ ବାହାର କରନି ମାଆ। ସେ ମୋ ଗାୟତ୍ରୀଙ୍କ ସ୍ୱରୂପ। ସେ ମୋର ଭଲ ସାଙ୍ଗ। ତୋତେ କହିନି ମୁଁ ଆଗରୁ କିନ୍ତୁ ବହୁଦିନ ଧରି ମୁଁ ତା ସହିତ ଗପି ଆସୁଛି। ସେ ଥିଲେ ମୋ ଭିତରେ ଗୋଟେ ଅଲୌକିକ ଶକ୍ତି ପ୍ରବାହ ହେବା ଭଳି ମନେ ହୁଏ। ମୁଁ ଭବିଷ୍ୟକୁ ଯେମିତି ଦେଖିପାରେ। ଯାହା ଘଟିବାର ଥାଏ ଆଗରୁ କହିଦିଏ। ନିଜେ ଜାଣେନା ଏ ଶକ୍ତି କେମିତି ଆସେ, କେଉଁଠୁ ଆସେ!! ମୋ ସାପକୁ ଏ ଘରୁ କାଢ଼ି ଦେଏନା ମାଆ। ଅର୍ଜୁନା ବଡ଼ବାପାଙ୍କୁ ବୁଝେଇ ଦିଏ। ସେ କିଛି କ୍ଷତି କରିବେନି। ଖୁବ୍ ଜୋରରେ କାନ୍ଦି କାନ୍ଦି ଗୁହାରି କଲି ମାଆକୁ।

ମାଆ ମଧ୍ୟ ମୋ ଭିତରେ କିଛି ଅଲୌକିକ ଶକ୍ତିକୁ ଅନୁଭବ କରିଥିଲା। ତେଣୁ ଖୁବ୍ ସହଜରେ ବିଶ୍ୱାସ କରିନେଲା ଏ ସାପ ସାଧାରଣ ସାପ ନୁହେଁ। ପରଦିନ ପୂଜା କରିବାକୁ ଆସୁଥିବା ବଡ଼ବାପା (ବ୍ରାହ୍ମଣ)ଙ୍କୁ ସବୁକଥା ଜଣାଇଲା। ସେ କିନ୍ତୁ ମାଆକୁ ବିଶ୍ୱାସ କଲେ ନାହିଁ। ଆମ ଘରକୁ ପୂଜା କରିବାକୁ ଆସିବାକୁ ମନା କରିଦେଲେ। ତଥାପି ସେଦିନ କାହିଁକି କେଜାଣି ମୋ ମାଆ ଗାୟତ୍ରୀଙ୍କୁ ଆଉ ମୋ ସାପକୁ ଏତେ ବିଶ୍ୱାସ କରିଯାଇଥିଲା ଯେ ମୋତେ ପୂଜା କରିବାକୁ ମନା କରିନଥିଲା। ପୂର୍ବ ଭଳି ମୋ ସାପ ସହିତ ସେମିତି ସବୁଦିନ କଥା ହୁଏ ମୁଁ। ମୋ ପରିବାର ଭଲ ଭାବେ ଗ୍ରହଣ କରି ନେଇଥିଲେ ମୋ ସାପର ଆଉ ମୋର ବନ୍ଧୁତ୍ୱ। ଦୀର୍ଘଦିନ ଧରି ଖୁବ୍ ଖୁସିରେ ରହିଲି ମୁଁ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଥିଲା ଓଡ଼ିଶା ପାଇଁ ଏକ ଅଭିଶପ୍ତ ଦିନ। ସେଦିନ ମହାପ୍ରଳୟ ମନେ ପଡ଼ିଲେ ଆଜିବି ଲୋମ ଟାଙ୍କୁରି ଉଠେ। ଦାଦାଙ୍କ ଘର ପକକା ବାରଣ୍ଡାରେ ଗୋଟେ ନଡ଼ା ଗଦାରେ ବସି ଅନ୍ଧାରରେ ରାତି କାଟୁଥିଲୁ ଆମେ ମାନେ। ଗୋଟେ ପରେ ଗୋଟେ ବଡ଼ ବଡ଼ ଗଛ ଭାଙ୍ଗି ପଡୁଥିଲା ଆଖି ସାମନାରେ। ପ୍ରବଳ ବେଗରେ ପବନ ସାଙ୍ଗକୁ ଖୁବ୍ ଜୋରରେ ବର୍ଷା ଛାଟି ଥରେଇ ଦେଉଥିଲା। ଗୋଟେ ପରେ ଗୋଟେ ଆମ ଘରର କାନ୍ଥ ଭାଙ୍ଗି ପଡୁଥିଲା। ଗାଁ ଲୋକମାନେ ଡାକ ଦେଲେ "ଯିଏ ଯୁଆଡ଼େ ଅଛ ନଦୀ ବନ୍ଧ ଉପରକୁ ପଳେଇ ଆସ ନଦୀ ବନ୍ଧ ଭାଙ୍ଗି ଗାଁ ଭାସିଯିବ। ନଈରେ କୂଳ ଖାଇ ଗାଁରେ ପାଣି ପଶିଗଲାଣି। ବାପା କହିଲେ "ଆମେ ବଞ୍ଚିବା ତ ସାଙ୍ଗ ହୋଇ, ମରିବା ତ ସାଙ୍ଗ ହୋଇ। କେହି କୁଆଡ଼େ ଯିବାନି, ମୋ ଗୁହାଳରେ ଗାଈଟାକୁ ମୁଁ ନିର୍ଦ୍ଦୟ ଭାବେ ଛାଡ଼ି ଯାଇପାରିବିନି।" ବାପା ସ୍ଥିର କଲେ ଗୋଟେ ଦଉଡ଼ାରେ ଆମେ ସମସ୍ତେ ବାନ୍ଧି ହୋଇଯିବୁ। ଯୁଆଡ଼େ ଭାସି ଭାସି ଯିବୁ ଗୋଟେ ଜାଗାରେ ଥିବୁ। ମରିବୁ ତ ଗୋଟେ ଜାଗାରେ ମରିବୁ। ସେଦିନ ଆମେ ମୃତ୍ୟୁକୁ ନିକଟରେ ଦେଖିଥିଲୁ। ସମସ୍ତେ ମେଳ ହୋଇ ଗୋଟେ ଜାଗାରେ ବସିଲୁ। ମୁଁ ପିଲାଦିନରୁ ଗାୟତ୍ରୀ ବିନା ବଞ୍ଚିପାରେନା। ତା ପ୍ରତିମା ଭିତରେ ମୁଁ ତା ଉପସ୍ଥିତି ଦେଖେ। ଉପଲବ୍ଧି କରେ। ତେଣୁ ମହାବାତ୍ୟାରେ ମୃତ୍ୟୁ ମୁଖକୁ ଯିବା ବେଳେ ବି ତାକୁ ସାଙ୍ଗରେ ନେଇ ଯିବାକୁ ସ୍ଥିର କଲି। ରାତି ସାରା ତା'ର ପ୍ରତିମାକୁ ଜାବୁଡ଼ି ଧରି ବସିଥିଲି।

ସକାଳ ହେଲା ବେଳକୁ ନଦୀ ବନ୍ଧ ଭାଙ୍ଗି ନଥିଲା। ପବନ କ୍ରମଶଃ କମି ଯାଇଥିଲା। ଛାରଖାର ହୋଇ ଭାଙ୍ଗି ପଡ଼ିଥିବା ମୋ ଭଙ୍ଗା ଘର ଭିତରକୁ ପ୍ରବେଶ କଲି। କେଡ଼େ ସ୍ୱାର୍ଥପର ମୁଁ ଭୁଲି ଯାଇଥିଲି ମୋ ନାଗ ସାପ କଥା। କେମିତି ଥିବ ସେ ରାତିସାରା। ପୂଜା ଘରକୁ ଧାଇଁଲି। ଯାହା ଦେଖିଲି ନିର୍ବାକ ପାଲଟିଗଲି।

ମୋ ନାଗସାପ ମରିପଡ଼ିଥିଲା ସେଇ ଜାଗାରେ। କୁଆଡ଼େ ବି ଯାଇନଥିଲା। ସବୁଦିନ ମୁଁ କେବଳ ତା'ମୁହଁ ଦେଖୁଥିଲି ହେଲେ ସେଦିନ ସେ ସମ୍ପୂର୍ଣ୍ଣ ବାହାରକୁ ଆସି ମରି ପଡ଼ିଥିଲା। ହଳଦୀ ରଙ୍ଗ ଦେହକୁ କଳା ରଙ୍ଗର କଡ଼ଉ ଚିହ୍ନ ତା'ଫଣା ଉପରେ। ତାକୁ ହାତରେ ଧରି ଯେତେ ଡାକିଲି ଶୁଣିଲାନି। ଯେତେ ଚିତ୍କାର କଲି କାନ୍ଦିଲି ଆଉ ଫେରିଲାନି। ମୋତେ ଆଗ ଭଳି ଚାହିଁଲାନି ଆଖି ତରାଟି। ମୁଁ କେଡ଼େ ସ୍ୱାର୍ଥପର ତାକୁ କେମିତି ଭୁଲିଯାଇ ଗାୟତ୍ରୀଙ୍କ ପ୍ରତିମା ନେଇ ଚାଲିଗଲି। ସେ ମୋ ଭୁଲର ଦଣ୍ଡ ଦେଇ ସବୁଦିନ ପାଇଁ ମୋତେ ଛାଡ଼ି ଚାଲିଗଲା। ତା କଥା ଲେଖିବା ବେଳେ ଆଜି ବି ମୋ ହାତ ଥରୁଛି। ଆପେ ଆପେ ଲୁହ ଝରି ଆସୁଛି।

ଈଶ୍ୱରଙ୍କୁ ତର୍କ ଦ୍ୱାରା ପାଇହୁଏନି। ବିଶ୍ୱାସରେ ଜିତିହୁଏ। ମୋ ନାଗ ଦେବତା ଏହା ମୋତେ ଉପଲବ୍ଧି କରାଇଛନ୍ତି। ବୋଧହୁଏ ଏ ମଣିଷ ସମାଜ ତା'ର ଆଉ ମୋର ବନ୍ଧୁତ୍ୱକୁ ଗ୍ରହଣ କରିପାରିନଥାନ୍ତା। ଯେମିତି ସମସ୍ତେ ନାଗୁଣୀ କହି ମୋତେ ଚଡ଼ାଉଥିଲେ ବୋଧହୁଏ ଆଜି ବି ନାଗୁଣୀ କହୁଥାନ୍ତେ। ସେଥିପାଇଁ ସେ ମୋ'ଠୁ ଦୂରେଇ ଗଲା। କିନ୍ତୁ ସେ ଯେଉଁ ଏକ ଅଲୌକିକ ପବିତ୍ର ସମ୍ପର୍କର ଅନୁଭବ ମୋତେ ଦେଇଗଲା ଏହା କେବଳ ମୁଁ ହିଁ ଉପଲବ୍ଧ କରିପାରିଛି। ବୋଧହୁଏ ସେଥିପାଇଁ ଆଜି ଯାଏଁ ଗାୟତ୍ରୀଙ୍କ ଶରଣାପନ୍ନ ହେବାରେ ରୁଚି ରଖିଛି। ଆମ ଗାଁ ଶିବ ମନ୍ଦିରରେ ଆଜି ବି ପୂଜା ପାଉଛନ୍ତି ପିତଳରେ ତିଆରି ମୋର ନାଗ ଦେବତା ମୋ ମିତ।

*ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର*

## ନାରୀ ଦଶଭୁଜା

ଦଶ ହାତ କାମ ଦୁଇ ହାତେ କରେ
ପଡ଼େନି କେବେ ସେ ଥକି
ମହା ଆନନ୍ଦରେ ଧାଇଁ ଧାଇଁ କରେ
ରଖେନି କେବେ ସେ ବାକି
ସହଳ ସହଳ ସକାଳେ ଉଠଇ
ନିଦ ରହିଯାଏ ବାକି
କାଖରେ ସନ୍ତାନ ହାତରେ ଝାଡୁ
ଚାଲୁ ଥାଏ ବାଙ୍କି ବାଙ୍କି
ଘର କାମଠାରୁ ଚାହା ଜଳଖିଆ
ସହଳ ସହଳ କରେ
ଶାଶୂଙ୍କର ନିଦ ଭାଙ୍ଗିବା ଆଗରୁ
ବାସି କାମ ସବୁ ସରେ
ସନ୍ତାନର ରୁଚି ମେଗି ଚାଓମିନ୍
ଶ୍ୱଶୁରଙ୍କ ପାଇଁ ଚାହା
ସ୍ୱାମୀଙ୍କ ପସନ୍ଦ ରୁଟି ତରକାରୀ
ଡାକିଲେଣି ଶାଶୂମା'।
ବାସନ ଧୁଅଇ ପରିବା କାଟଇ
ରୋଷେଇକୁ ନିଏ ଆଗେଇ
ଭଜା ତରକାରୀ ଡାଲିକୁ ପାମ୍ପଡ଼
ରଖିଥାଏ ସେ ସଜେଇ।
ମନ ଜାଣି ସବୁ ପରଷିଦିଏ ସେ
ନକରି କାହାର ଊଣା
ଧୋଇଦିଏ ସବୁ ଅଇଁଠା ବାସନ
ମନରେ ନଥାଏ ଘୃଣା।
ଦଶଟି ଭୁଜର କାମ କରିଥାଏ
ପଡ଼େନି କେବେ ସେ ଥକି
ସେଥିପାଇଁ ନାରୀ ଅଟେ ଦଶଭୁଜା
ଦୁନିଆ କହୁଛି ଡାକି।

**ଉପମା ରଣ**
ଦେବଗଡ଼




# ମନସୁନ୍ ଫୁଟୱେର୍

**ବର୍ଷାଦିନେ ଛତା କିମ୍ବା ରେନ୍‌କୋର୍ଟକୁ ବ୍ୟବହାର କରି ଶରୀରକୁ ସିନା ଓଦା ହେବାରୁ ରକ୍ଷା କରିହୁଏ କିନ୍ତୁ ଜୋତା ବା ଫୁଟୱେର୍‌କୁ ସୁରକ୍ଷା ଦେଇହୁଏନା। ଫଳରେ ତାହା ବର୍ଷାରେ ଓଦା ହୋଇ କେତେବେଳେ ଛିଡ଼ିଯାଏ ତ ପୁଣି କେତେବେଳେ ସେଥିରୁ ଉତ୍କଟ ଦୁର୍ଗନ୍ଧ ବାହାରିଥାଏ। ତେଣୁ ବର୍ଷାଦିନେ କେଉଁଭଳି ଫୁଟୱେର ପିନ୍ଧିବା ଆରାମଦାୟକ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ ...**




* **ଫ୍ଲିପ୍-ଫ୍ଲପ:** ବର୍ଷାଦିନେ ଏହାକୁ ପିନ୍ଧିଲେ ଯେମିତି କମ୍ଫଟେବଲ ଲାଗେ ପାଦକୁ ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଷ୍ଟାଇଲ୍‌ର ଫୁଟୱେର୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧିହୁଏ। ବିଶେଷକରି ସର୍ଟ୍ସ ହେଉ କିମ୍ବା ଜିନ୍ସ ସହ ଏହାକୁ ପେୟାର୍ କଲେ ପାଦର ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ତା'ଛଡ଼ା ବର୍ଷାଦିନେ ଫ୍ଲିପ୍-ଫ୍ଲପ ଓଦା ହୋଇଗଲେ ମଧ୍ୟ କିଛି ଟେନ୍‌ସନ୍ ନାହିଁ। କାରଣ ଏହା ଓଦା ହେଲେ ବି ଶୀଘ୍ର ନଷ୍ଟ ହୁଏ ନାହିଁ ବରଂ ଶୀଘ୍ର ଶୁଖିଯାଏ।

* **କ୍ରକ୍ସ:** ଏହାକୁ ପିନ୍ଧିଲେ ପାଦକୁ ବେଶ୍ ହାଲ୍‌କା ଲାଗିଥାଏ। ତା'ଛଡ଼ା ଏହି ଫୁଟ୍‌ୱେର୍‌ରେ କଣା କଣା ଡିଜାଇନ୍ ଥିବାରୁ ପାଦରେ ପବନ ବାଜିଥାଏ। ଫଳରେ ବର୍ଷାଦିନେ ଏହି ଫୁଟ୍‌ୱେର୍ ଓଦା ହୋଇଗଲେ ବି ଶୀଘ୍ର ଶୁଖିଯାଏ। ଏହି ଫୁଟ୍‌ୱେର୍ ଦେଖିବାକୁ ମଧ୍ୟ ଖୁବ୍ ଟ୍ରେଣ୍ଡି ଲାଗିଥାଏ; ତେଣୁ ବର୍ଷାଦିନେ ଆପଣ ଚାହିଁଲେ ଏହି ଫୁଟ୍‌ୱେର୍ ଟ୍ରାଏ କରିପାରିବେ। ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର କ୍ରକ୍ସ ମିଳିଥାଏ।

* **ଫ୍ଲୋଟର୍ସ:** ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ଫୁଟ୍‌ୱେର୍। ଏହାର ଡିଜାଇନ୍ ଏଭଳି ହୋଇଥାଏ ଯେ; ଯାହାକୁ ବର୍ଷାରେ ପିନ୍ଧି ଚାଲିଲେ ପାଦ ସହଜରେ ସ୍ଲିପ୍ କରେନାହିଁ କିମ୍ବା ଏହା ପାଦରୁ ବାରମ୍ବାର ବାହାରିଯାଏ ନାହିଁ। ଖାସ୍ ଏହି ଦୁଇଟି କାରଣ ପାଇଁ ବର୍ଷାଦିନେ ଏହି ଫୁଟ୍‌ୱେର୍ ଖୁବ୍ ଚାହିଦା ରହିଥାଏ।

* **ଗମ୍‌ବୁଟ୍:** ଏହି ବୁଟ୍‌ର ଲମ୍ବା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ରହିଥାଏ। ଫଳରେ ବର୍ଷାଦିନେ ଏହାକୁ ପିନ୍ଧିଲେ ପାଦ ସହଜରେ ଓଦା ହୁଏନାହିଁ। ତା'ଛଡ଼ା ଏହା ୱାଟର୍‌ପ୍ରୁଫ୍ ହୋଇଥିବାରୁ ବର୍ଷାଦିନେ ଭଲ ଲାଷ୍ଟିଂ ବି କରିଥାଏ। ଏହି ଫୁଟ୍‌ୱେର୍ ବିଭିନ୍ନ ରଙ୍ଗରେ ମାର୍କେଟ୍‌ରେ ଉପଲବ୍ଧ ହୋଇଥାଏ।

* **ଜେଲି ସୁ:** ସ୍ୱତନ୍ତ୍ର ପିଭିସି ପ୍ଲାଷ୍ଟିକ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଜେଲି ସୁ' ବର୍ଷାଦିନେ ପିନ୍ଧିବା ପାଇଁ ଏକ ଭଲ ଅପ୍ସନ। ଏହା ଭଲ ଲାଷ୍ଟିଂ ବି କରିଥାଏ। ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ଡିଜାଇନ୍‌ରେ ଆସୁଥିବା ଏହି ଜେଲି ସୁ'କୁ ଯେକୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧାଯାଇପାରେ।




## କ୍ରୋଧ ନିୟନ୍ତ୍ରଣ କରିବାର ଉପାୟ

**ଅନେକ ପରିସ୍ଥିତିରେ କ୍ରୋଧକୁ ନିୟନ୍ତ୍ରଣ କରିବା ମୁସ୍କିଲ ବ୍ୟାପାର ହୋଇଥାଏ। ଏଇ କ୍ରୋଧ କାରଣରୁ ଆମ ରକ୍ତଚାପ ବଢ଼ିବା ସହ ଅନ୍ୟାନ୍ୟ ସମସ୍ୟା ଉପୁଜିବାର ଭୟ ରହିଛି। କ୍ରୋଧକୁ କମ କରିବାର ସରଳ ଉପାୟମାନ ଜାଣି ରଖନ୍ତୁ।**

❖ ପରିବାର ସଦସ୍ୟଙ୍କ ସହ କଥା କଟାକଟି ହେଲେ ଜଣେ ଅତିଷ୍ଠ ହୋଇ ରାଗିଯାଏ। ଏଭଳି ସମୟରେ କ୍ରୋଧକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ସେହି ସ୍ଥାନରୁ ଦୂରେଇ ଆସନ୍ତୁ। ଟିଭିରେ ନିଜ ମନ ପସନ୍ଦର କାର୍ଯ୍ୟକ୍ରମ ଦେଖିପାରିବେ। ନଚେତ କୌଣସି ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଦେଖିବା ଭଲ।


❖ ପାଖରେ ଛୋଟ ଫୁଟବଲ ଥିଲେ କିଛି ସମୟ ଖେଳନ୍ତୁ। ବିଶେଷଜ୍ଞଙ୍କ ମତରେ ମନର ନକାରାତ୍ମକ ଭାବନା ଦୂର କରାଇବାରେ ଏକ ଉପାୟ ଖୁବ ସହାୟକ।

❖ ନିଜ ଭାବନାକୁ ଅନ୍ୟ ସମ୍ମୁଖରେ ପରିପ୍ରକାଶ କରନ୍ତୁ। ଦେଖିବେ ସମୟକ୍ରମେ ଆପଣଙ୍କ ରାଗ, ଦୋଷ, ଦୂର ହୋଇଯିବ।

❖ ସକାଳୁ ଉଠିବା ପରେ କିଛି ସମୟ ଧ୍ୟାନ ଅଭ୍ୟାସ ଆରମ୍ଭ କଲେ ମଧ୍ୟ ଶାନ୍ତ ହୋଇଥାଏ। ୧ ସପ୍ତାହ ୧୦ ମିନିଟ ଧରି ଧ୍ୟାନ କଲେ ଆପଣଙ୍କ ଶରୀର ଉପରେ ଏହାର ପ୍ରଭାବ ଜାଣିପାରିବେ।

❖ ସବୁବେଳେ ମନେ ରଖନ୍ତୁ କ୍ରୋଧ କଲେ କିମ୍ବା ରାଗିଲେ ସମସ୍ୟାର ସମାଧାନ ହୋଇନଥାଏ। ସ୍ଥିର ଚିତ୍ତରେ ଓ ଶାନ୍ତ ମନରେ ସମସ୍ତଙ୍କ ସହିତ ବାର୍ତ୍ତାଳାପ କରନ୍ତୁ।

ପ୍ଲେଟଲେଟ୍ ବିନା ଏବେ ରକ୍ତ ଜମାଟ ବାନ୍ଧିବ। ସମ୍ଭବ ହେବ। ଲୋହିତ ରକ୍ତ କୋଷିକା ଆବିଷ୍କୃତ ହେବାର ୪୦୦ ବର୍ଷ ପରେ ଏହା ଜଣାପଡ଼ିଛି। ରକ୍ତ ଜମାଟ ବାନ୍ଧିବାରେ ଲୋହିତ ରକ୍ତ କୋଷିକାର ପ୍ରକୃତ ଇଞ୍ଜିନିୟରିଂ ଏବଂ ଆପ୍ଲାଏଡ୍ ମେକାନିକ୍ସର ପ୍ରଫେସର ସହ-ଲେଖକ ପ୍ରଶାନ୍ତ ପୁରୋହିତ କହିଛନ୍ତି, ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଯେ, ଆମେ ୨୧ ଶତାବ୍ଦୀରେ ମଧ ଲୋହିତ ରକ୍ତ କୋଷିକା ବିଷୟରେ



# ପ୍ଲେଟ୍‌ଲେଟ୍ ବିନା ରକ୍ତ ଜମାଟ ବାନ୍ଧିବ

କାର୍ଯ୍ୟ ସମ୍ପର୍କରେ ଜଣାପଡ଼ିଛି...


୪୦୦ ବର୍ଷ ତଳେ ଲୋହିତ ରକ୍ତ କୋଷିକାର ଆବିଷ୍କାର ପରେ ସମ୍ପ୍ରତି ଏହା ଉପରେ ହୋଇଥିବା ଏକ ଗବେଷଣା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସରେ ଗବେଷକଙ୍କ ଦ୍ୱାରା ହୋଇଥିବା ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ରକ୍ତ ଜମାଟ ବାନ୍ଧିବା ପାଇଁ ଲୋହିତ ରକ୍ତ କୋଷିକା ଏକ ଅପ୍ରତ୍ୟାଶିତ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ଏହା ଏକ ଆବିଷ୍କାର ଯାହା ଜମାଟ ବାନ୍ଧିବା ସମ୍ବନ୍ଧୀୟ ରୋଗଗୁଡ଼ିକର ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିପାରେ।

ପେନ୍ ଗବେଷକମାନେ ପ୍ରକାଶ କରିଛନ୍ତି ଯେ, କେବଳ ପ୍ଲେଟଲେଟ୍ ନୁହେଁ, ଲୋହିତ ରକ୍ତ କୋଷିକା ଜମାଟ ସଙ୍କୋଚନରେ ମଧ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ବର୍ଷ ବର୍ଷ ଧରି ବୈଜ୍ଞାନିକମାନେ ବିଶ୍ୱାସ କରୁଥିଲେ ଯେ ଲୋହିତ ରକ୍ତ କୋଷଗୁଡ଼ିକ ଜମାଟ ଗଠନ ସମୟରେ ଅଧିକ କିଛି ନକରି କେବଳ ଏକତ୍ରିତ ହୋଇ କ୍ଷତ ସ୍ଥାନରେ ରହିଥାନ୍ତି। ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ଏକ ନୂତନ ଅଧ୍ୟୟନ ଏବେ ଦର୍ଶାଉଛି ଯେ, ଲୋହିତ ରକ୍ତ କୋଷିକା ଜମାଟକୁ ଶକ୍ତ ଏବଂ ସଙ୍କୁଚିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ପେରେଲମ୍ୟାନ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ଜଣେ ବରିଷ୍ଠ ଗବେଷକ ଏବଂ ଅଧ୍ୟୟନର ସହ-ଲେଖକ ରୁଷ୍ଟେମ୍ ଲିଟଭିନୋଭ୍ କହିଛନ୍ତି, ଏହି ଆବିଷ୍କାର ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଗୋଟିଏ। ଲୋହିତ ରକ୍ତ କୋଷିକାର ଏହି ଅନନ୍ୟ ଗୁଣ ଅତ୍ୟଧିକ ରକ୍ତସ୍ରାବ କିମ୍ବା ବିପଜ୍ଜନକ ଜମାଟ ବାନ୍ଧିବା କାରଣରୁ ହେଉଥିବା ଜମାଟ ବାନ୍ଧିବା ବ୍ୟାଧିର ଅଧ୍ୟୟନ ଏବଂ ସମ୍ଭାବ୍ୟ ଚିକିତ୍ସା ପାଇଁ ନୂତନ ପଥ ପ୍ରଦର୍ଶନ କରିବାର ଆଶା ରହିଛି। ଷ୍ଟ୍ରୋକ ଚିକିତ୍ସାରେ ମଧ ନୂତନ ଆଶାର ସମ୍ଭାବନା ରହିଛି। ୧୭ ଶତାବ୍ଦୀରୁ ଲୋହିତ ରକ୍ତ କୋଷିକା ଉପରେ ଅଧ୍ୟୟନ କରାଯାଉଛି, ପେନ୍ ଇଞ୍ଜିନିୟରିଂର ମେକାନିକାଲ୍ ନୂଆ ତଥ୍ୟ ଖୋଜି ପାଉଛୁ। ଏ ପର୍ଯ୍ୟନ୍ତ ଗବେଷକମାନେ ଭାବୁଥିଲେ ଯେ କେବଳ ପ୍ଲେଟଲେଟ୍ ଜମାଟ ସଙ୍କୋଚନ କରି କ୍ଷୁଦ୍ର କୋଷିକା ଖଣ୍ଡଗୁଡ଼ିକର ଜମାଟକୁ ଦୃଢ଼ ଏବଂ ସ୍ଥିର କରିବା ପାଇଁ ପ୍ରୋଟିନ୍ ଫାଇବ୍ରିନରକୁ ଦଉଡ଼ି ଭଳି ବ୍ୟବହାର କରି କ୍ଷତକୁ ବନ୍ଦ କରିବା କାର୍ଯ୍ୟ ଲୋହିତ ରକ୍ତ କୋଷିକା କରିଥାଏ।

ଗବେଷକ ୱେଇସେଲ ଏବଂ ଲିଟଭିନୋଭ ଏକ ପରୀକ୍ଷା କରିଥିଲେ ଯାହା ବିଫଳ ହେବ ବୋଲି ସେମାନେ ଆଶା କରିଥିଲେ। ସେମାନେ ପ୍ଲେଟ୍‌ଲେଟ୍ ବିନା ରକ୍ତ ଜମାଟ କରିବାର ପ୍ରୟାସ କରିଥିଲେ। ସେମାନଙ୍କର ଫଳାଫଳଗୁଡ଼ିକୁ ଦୁଇଥର ଯାଞ୍ଚ କରିବା ପାଇଁ ଦଳ ପ୍ଲେଟଲେଟ୍ କାର୍ଯ୍ୟକଳାପକୁ ଅବରୋଧ କରିବା ପାଇଁ ରାସାୟନିକ ଦ୍ରବ୍ୟ ସହିତ ପ୍ରକ୍ରିୟାକରଣ କରାଯାଇଥିବା ନିୟମିତ ରକ୍ତ ବ୍ୟବହାର କରି ପରୀକ୍ଷଣକୁ ପୁଣି ଥରେ କରିଥିଲେ। ଗବେଷଣାରେ ପ୍ଲେଟ୍‌ଲେଟ୍ ନଥିବା ସମୟରେ ମଧ ରକ୍ତ ଜମାଟ ବାନ୍ଧିବା ସମ୍ଭବ ହୋଇ ପାରିଥିଲା। ଏହି ପ୍ରକ୍ରିୟାଟି ଏହା ମଧ ବ୍ୟାଖ୍ୟା କରେ ଯେ, କିପରି କଲଏଡ୍‌ରେ ଥିବା କଣିକାଗୁଡ଼ିକ ରଙ୍ଗ, କ୍ଷୀର କିମ୍ବା କାଦୁଅ ପାଣି ପରି ମିଶ୍ରଣ ସେମାନଙ୍କ ଚାରିପାଖର ପରିସ୍ଥିତି ପରିବର୍ତ୍ତନ ହେଲେ ଏକତ୍ରିତ ହୋଇ କ୍ଲଷ୍ଟର ଗଠନ କରିପାରିବେ।


ମୂଳତଃ, ଚାରିପାଖରେ ଥିବା ତରଳ ପଦାର୍ଥରେ ଥିବା ପ୍ରୋଟିନ୍‌ଗୁଡ଼ିକ ଚାପରେ ଏକ ଅସନ୍ତୁଳନ ସୃଷ୍ଟି ହୋଇଥିଲା। ଯାହା ଲୋହିତ ରକ୍ତ କୋଷିକା ଉପରେ ଚାପ ପକାଇଥିଲା। ଏହି ଆକର୍ଷଣୀୟ ଶକ୍ତି ଲୋହିତ ରକ୍ତ କୋଷିକାକୁ ଅଧିକ ସୁଦୃଢ଼ ଭାବରେ ଜମାଟ କରିଥାଏ। ଫଳରେ ପ୍ଲେଟଲେଟ୍ ବିନା ମଧ ଜମାଟ ବାନ୍ଧିବାରେ ଲୋହିତ ରକ୍ତ କୋଷିକା ସାହାଯ୍ୟ କରିଥାଏ।

ଯେତେବେଳେ ରକ୍ତ ଜମାଟ ବାନ୍ଧିବାକୁ ଆରମ୍ଭ କରେ, ଫାଇବ୍ରିନ୍ ନାମକ ଏକ ଜାଲ ଭଳି ପ୍ରୋଟିନ୍ ଏକ ଜାଲ ତିଆରି କରେ ଯାହା ଲୋହିତ ରକ୍ତ କୋଷିକାକୁ ବାନ୍ଧିଥାଏ। ସେହି ପ୍ୟାକିଂ ଅସମୋଟିକ୍ ଡିପ୍ଲିସିଏସନ୍ ବଳକୁ ନିୟନ୍ତ୍ରଣ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଥରେ ଲୋହିତ ରକ୍ତ କଣିକାଗୁଡ଼ିକ ଫାଇବ୍ରିନ୍ ଜାଲ ମଧ୍ୟରେ ସୁଦୃଢ଼ ଭାବରେ ପ୍ୟାକ୍ ହୋଇଗଲେ,



କୋଷିକାଗୁଡ଼ିକ ମଧ୍ୟର ତରଳ ପଦାର୍ଥରେ ଥିବା ପ୍ରୋଟିନ୍ ବାହାର ପଟୁ ଚାପ ସୃଷ୍ଟି କରିଥାଏ। ଏହା ଏକ ଅସନ୍ତୁଳନ ସୃଷ୍ଟି କରିଥାଏ। ପ୍ରୋଟିନ୍‌ର ସାନ୍ଦ୍ରତା ପ୍ୟାକ୍ ହୋଇଥିବା କୋଷିକାଗୁଡ଼ିକ ମଧ୍ୟରେ ଥିବା କୋଷିକାଗୁଡ଼ିକ ବାହାରେ ଅଧିକ ରହିଥାଏ। ଯାହା ଫଳରେ 'ଅସ୍ମୋଟିକ୍ ଚାପ'ରେ ପାର୍ଥକ୍ୟ ସୃଷ୍ଟି ହୋଇଥାଏ। ସେହି ଚାପ ପାର୍ଥକ୍ୟ ବାହାରୁ ଏକ ଚାପ ପରି କାର୍ଯ୍ୟ କରେ, ଲୋହିତ ରକ୍ତ କୋଷିକାଗୁଡ଼ିକୁ ଆହୁରି ନିକଟତର କରିଥାଏ। ଏହି ଆକର୍ଷଣ ଶକ୍ତି କୋଷିକାଗୁଡ଼ିକୁ ଏକତ୍ରିତ କରିଥାଏ ଏବଂ ସେମାନଙ୍କ ଚାରିପାଖରେ ଥିବା ଫାଇବ୍ରିନ୍ ନେଟୱାର୍କକୁ ଶକ୍ତି ସ୍ଥାନାନ୍ତର କରିଥାଏ। ଫଳରେ ପ୍ଲେଟଲେଟ୍‌ଗୁଡ଼ିକର କାର୍ଯ୍ୟ ବିନା ମଧ ଏକ ଶକ୍ତିଶାଳୀ, ଅଧିକ ସଂକୁଚିତ ଜମାଟ ସୃଷ୍ଟି ହୋଇଥାଏ।

ଏହି ନୂତନ ଜମାଟ ବାନ୍ଧିବା ଏବଂ ପରିପକ୍ୱତାରେ ଲୋହିତ ରକ୍ତ କୋଷିକାର ଭୂମିକା ବିଷୟରେ ଭଲ ଭାବରେ ବୁଝିବା ଦ୍ୱାରା ଥ୍ରୋମ୍ବୋସାଇଟୋପେନିଆ ଭଳି ପରିସ୍ଥିତି ପାଇଁ ନୂତନ ଚିକିତ୍ସା ଆରମ୍ଭ ହୋଇପାରେ ବୋଲି ଆଶା କରାଯାଉଛି। ଯେଉଁଥିରେ ପ୍ଲେଟଲେଟ ସଂଖ୍ୟା କମ୍ ହେବା ଦ୍ୱାରା ଅନିୟନ୍ତ୍ରିତ ରକ୍ତସ୍ରାବ ହୋଇଥାଏ। ମାତ୍ର ଏବେ ଲୋହିତ ରକ୍ତ କୋଷିକା ଦ୍ୱାରା ଏହାର ଚିକିତ୍ସା ସମ୍ଭବ ହୋଇ ପାରିବୋଲି ଗବେଷକ ମତପୋଷଣ କରିଛନ୍ତି। ଏହି ଅଧ୍ୟୟନ ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟ ପେରେଲମ୍ୟାନ୍ ସ୍କୁଲ୍ ଅଫ୍ ମେଡିସିନ୍ ଏବଂ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସରେ କରାଯାଇଥିଲା। ଏହାକୁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଏବଂ ଆମେରିକୀୟ ହୃଦ୍ ସଂଘ ଦ୍ୱାରା ସମର୍ଥନ କରାଯାଇଥିଲା।



# ୨୦୩୦ ସୁଦ୍ଧା ଚନ୍ଦ୍ରରେ ପରମାଣୁ କେନ୍ଦ୍ର

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ୨୦୩୦ ସୁଦ୍ଧା ଚନ୍ଦ୍ରରେ ଏକ ପରମାଣୁ ରିଆକ୍ଟର ନିର୍ମାଣ ଯୋଜନାକୁ ଦ୍ରୁତ ବେଗରେ କାର୍ଯ୍ୟକାରୀ କରିବ ବୋଲି ଜଣାଯାଇଛି। ଚନ୍ଦ୍ରପୃଷ୍ଠରେ ମାନବ ବସତି ନିର୍ମାଣ ପାଇଁ ଏକ ସ୍ଥାୟୀ ଆଧାର ସ୍ଥାପନ ପାଇଁ ଏହା ଆମେରିକାର ବ୍ୟାପକ ମହତ୍ତ୍ୱାକାଂକ୍ଷାର ଏକ ଅଂଶ। ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ 'ନାସା'ର ଅସ୍ଥାୟୀ ମୁଖ୍ୟ ସିଆନ୍ ଡଫି ସମ୍ପୃକ୍ତ ରିଆକ୍ଟର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବାର ଯୋଜନା ବାବଦରେ 'ନାସା'କୁ ଏକ ନିର୍ଦ୍ଦେଶ ପଠାଇବା ପରେ ଏହା ସ୍ପଷ୍ଟ ହୋଇଛି।

ଚନ୍ଦ୍ରରେ ଅନ୍ୟୁନ ୧୦୦ କିଲୋୱାଟ୍ ଶକ୍ତି ଉତ୍ପାଦନକ୍ଷମ ଏକ ରିଆକ୍ଟର ନିର୍ମାଣ ପାଇଁ ବାଣିଜ୍ୟିକ କମ୍ପାନିଗୁଡ଼ିକଠାରୁ ପ୍ରସ୍ତାବ ଆହ୍ୱାନ କରିବାକୁ ଡଫି 'ନାସା'କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମେ' ମାସରେ ଚୀନ୍ ଓ ରୁଷିଆ ମଧ ଚନ୍ଦ୍ରରେ ଅନୁରୂପ ପରମାଣୁ କେନ୍ଦ୍ର ସ୍ଥାପନ କରିବା ସଂକ୍ରାନ୍ତରେ ଘୋଷଣା କରିବା ପରେ ଆମେରିକା ତା'ର ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି। ଭବିଷ୍ୟତରେ ଚନ୍ଦ୍ରର ଅର୍ଥନୀତି ପରିଚାଳନା, ମଙ୍ଗଳ ଗ୍ରହରେ ଶକ୍ତି ଉତ୍ପାଦନ ଏବଂ ମହାକାଶରେ ଆମେରିକାର ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାକୁ ସଠିକ୍ ଭାବରେ ଆଗକୁ ବଢ଼ାଇବା ପାଇଁ 'ନାସା' ଶୀଘ୍ର ପଦକ୍ଷେପ ନେବା ଜରୁରି ବୋଲି ଡଫି କହିଛନ୍ତି।

ଚୀନ୍ ଓ ରୁଷିଆ ଚନ୍ଦ୍ରରେ ୨୦୩୫ ସୁଦ୍ଧା ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ କରିବା ନେଇ ନିକଟରେ ଘୋଷଣା କରିବା ପରେ ଆମେରିକାର 'ନାସା' ସେମାନଙ୍କ ପୂର୍ବରୁ ସେଠାରେ ପରମାଣୁ କେନ୍ଦ୍ର ସ୍ଥାପନ କରିବା ଦୌଡ଼ରେ ସକ୍ରିୟ ହୋଇଉଠିଛି। ଉଲ୍ଲେଖଯୋଗ୍ୟ, ଭାରତ ଓ ଜାପାନ ସମେତ ଅନେକ ରାଷ୍ଟ୍ର ଚନ୍ଦ୍ର ପୃଷ୍ଠରେ ସ୍ଥାୟୀ ମାନବ ବସତି ସ୍ଥାପନ ଯୋଜନା ପାଇଁ ଚନ୍ଦ୍ର ପୃଷ୍ଠରେ ଅନୁସନ୍ଧାନ ଜାରି ରଖିଛନ୍ତି। ତେବେ ଚୀନ ଓ ରୁଷିଆ ୨୦୩୫ ସୁଦ୍ଧା ଚନ୍ଦ୍ରରେ ସ୍ୱୟଂଚାଳିତ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। 'ନାସା' ପ୍ରଥମ ଥର ପାଇଁ ଚନ୍ଦ୍ରରେ ଏକ ପରମାଣୁ ରିଆକ୍ଟରକୁ ଶକ୍ତି ଉତ୍ସ ଭାବରେ ବ୍ୟବହାର କରିବାର ଯୋଜନା କରିଛି। ପୂର୍ବରୁ ୨୦୨୨ ମସିହାରେ ଉକ୍ତ ସଂସ୍ଥା ଚନ୍ଦ୍ର ପୃଷ୍ଠରେ ଏକ ପରମାଣୁ ରିଆକ୍ଟର ଡିଜାଇନ୍ କରିବା ପାଇଁ ବିଭିନ୍ନ କମ୍ପାନି ସହ ୫ ନିୟୁତ ଡଲାରର ତିନିଟି ଚୁକ୍ତି କରିଥିଲା। ତେବେ ଚୀନ୍ ଓ ରୁଷର ଘୋଷଣା ପରେ 'ନାସା'ର ଅଭିପ୍ରାୟ ତ୍ୱରାନ୍ୱିତ ହେବା ପଛରେ 'ଆର୍ଟେମିସ୍ ରାଜିନାମା'ର ଭୂମିକା ରହିଛି, ଯାହା ହେଉଛି ଚନ୍ଦ୍ର, ମଙ୍ଗଳ, ଧୂମକେତୁ ଓ ଗ୍ରହାଣୁପୁଞ୍ଜ ଉପରେ ଗବେଷଣା ନେଇ ଶାନ୍ତିପୂର୍ଣ୍ଣ ସହଯୋଗର ଏକ ନୀତି। ଏ ପର୍ଯ୍ୟନ୍ତ ଭାରତ ସମେତ ୫୬ଟି ଦେଶ ଏହି ରାଜିନାମା ସ୍ୱାକ୍ଷର କରିସାରିଛନ୍ତି।



# ପର୍ଯ୍ୟଟନରେ ଭରା କର୍ସୋଗ

**ହିମାଚଳ ପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି କର୍ସୋଗ। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ପାହାଡ଼, ନଦୀର ସୌନ୍ଦର୍ଯ୍ୟ ଏହି ସ୍ଥାନକୁ ଏକ ନିଆରା ଆକର୍ଷଣ ପ୍ରଦାନ କରିଥାଏ। ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୁଏ...**

ହିମାଚଳ ପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି କର୍ସୋଗ। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ପାହାଡ଼, ନଦୀ, ସବୁଜ କ୍ଷେତର ସୌନ୍ଦର୍ଯ୍ୟ ପାଇଁ ବି ଏହା ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ହେଉକି ଶୀତ କାକରରେ ଥରି ଥରି ଏଠାକାର ପାହାଡ଼, ପର୍ବତକୁ ବୁଲି ଦେଖିବାରେ ମିଳିଥାଏ ଏକ ଅପୂର୍ବ ଆନନ୍ଦ। ତା'ଛଡ଼ା ଏଠାକାର ନିକଟତମ ଅଞ୍ଚଳରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ଦେଖିବାକୁ ମିଳିଥାଏ; ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।

### କ'ଣ ଦେଖିବେ:

ଆଧ୍ୟାତ୍ମିକ ପୀଠ: କର୍ସୋଗର ଆଖପାଖ ଅଞ୍ଚଳରେ ଅନେକ ଦେବଦେବୀଙ୍କ ମନ୍ଦିର ଥିବାର ଦେଖିବାକୁ ମିଳେ। ଯେମିତିକି ମାମଲେଶ୍ୱର ମହାଦେବ, କାମାକ୍ଷା ଦେବୀ, ମହୁନ୍ ନାଗ ମନ୍ଦିର, ସୋମେଶ୍ୱର ମହାଦେବ, ତେବାନି ମହାଦେବ, ସୋମାକୋଠୀ ମନ୍ଦିର ଇତ୍ୟାଦି ଅନ୍ୟତମ।

**କର୍ସୋଗ ଉପତ୍ୟକା:** ଏହି ଉପତ୍ୟକା ନିଜର ଆକର୍ଷଣୀୟ ପ୍ରାକୃତିକ ପରିବେଶ ପାଇଁ ବେଶ୍ ପରିଚିତ। ବିଶେଷକରି ବର୍ଷାଦିନେ ଏହି ଉପତ୍ୟକାର ଆକର୍ଷଣ ଆହୁରି ବଢ଼ିଯାଏ। ଟ୍ରେକିଂ ପରି ଦୁଃସାହସିକ କ୍ରୀଡ଼ା ପାଇଁ ଏଠାରେ ଅନେକ ସୁବିଧା ମଧ୍ୟ ରହିଛି। ସେଥିପାଇଁ ପ୍ରକୃତିପ୍ରେମୀଙ୍କଠାରୁ ଆରମ୍ଭ କରି ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହା ଏକ ଆଦର୍ଶସ୍ଥଳୀ ଭାବେ ମଧ୍ୟ ନାଁ କରିପାରିଛି।

**କର୍ସୋଗର ଗ୍ରାମ୍ୟ ପରିବେଶ:** ପ୍ରକୃତପକ୍ଷେ କର୍ଯୋଗ ହିମାଚଳ ପ୍ରଦେଶର ଏକ ଛୋଟ ସହର ହେଲେ ମଧ୍ୟ ଏହାର ଆଖପାଖ ଅଞ୍ଚଳରେ ଅନେକ ଗ୍ରାମାଞ୍ଚଳ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ଏହି ଗ୍ରାମାଞ୍ଚଳଗୁଡ଼ିକରେ ଧାନ, ଗହମ, ମକା ତଥା ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ଗ୍ରାମାଞ୍ଚଳଗୁଡ଼ିକୁ ବୁଲିଯାଇ ସ୍ଥାନୀୟ ଲୋକଙ୍କର ଚାଲିଚଳଣ, ପ୍ରଥା, ପରମ୍ପରା ଆଦି ସମ୍ପର୍କରେ ଅନେକ ନୂଆ କଥା ଜାଣିବାର ସୁଯୋଗ ପାଇପାରିବେ।

ଏହାଛଡ଼ା କର୍ସୋଗର ଆଖପାଖ ଅଞ୍ଚଳରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ରହିଛି। ପର୍ଯ୍ୟଟକ ସେସବୁ ବୁଲି ବହୁ ନିଆରା ଅନୁଭୂତି ସାଉଁଟିପାରିବେ ।

### କେବେ ଓ କେମିତି ଯିବେ:

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଏଠାରେ ରହିଛି। ସେହିପରି ଗମନାଗମନ ପାଇଁ ବି ଭଲ ବ୍ୟବସ୍ଥା ଏଠି ଅଛି। ସିମ୍‌ଲା ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ବିଭିନ୍ନ ସ୍ଥାନରୁ ଆସୁଥିବା ଟୁରିଷ୍ଟ ବସ୍‌ରେ ବି ଏଠାକୁ ବୁଲି ଆସିପାରିବେ।

### ଦୁଃସାହସିକ ପର୍ଯ୍ୟଟନର ମଜା:

ଦୁଃସାହସିକ କ୍ରୀଡ଼ା ପାଇଁ କର୍ସୋଗରେ ଅନେକ ସୁବିଧା ରହିଛି। ଖାସ୍ କରି ଟ୍ରେକିଂ, ହାଇକିଂ ଏଠାରେ ସୁବିଧାରେ କରି ହୋଇଥାଏ। ହେଲେ ବର୍ଷାଦିନେ ଏହି କ୍ରୀଡ଼ା ପାଇଁ ଟିକେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ।

### କ'ଣ କିଣିବେ:

ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବେଶ୍ ସୁଲଭ ମୂଲ୍ୟରେ ଏଠାରୁ କିଣିପାରିବେ। ତା'ଛଡ଼ା କର୍ସୋଗରେ କେବଳ ଧାନ, ଗହମ ଚାଷ ହୁଏ ତାହା ନୁହେଁ, ସେଓ, ରାଜ୍‌ମା, ଡାଳିମ୍ବ, ଆଳୁ, ମଟରଛୁଇଁ, ବ୍ରେକୋଲି, ନାଲି କାପ୍‌ସିକମ୍ ବି ଭଲ ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏସବୁ ଜିନିଷ ବି ଏଠାରୁ କିଣି ଆଣିପାରିବେ।



## କାଙ୍ଗାଳ କରିଦେବ ବାସ୍ତୁଦୋଷ

ଘରେ କୌଣସି ଛୋଟମୋଟ ବାସ୍ତୁଦୋଷ ଥିଲେ ଏହାର ଅନେକ କୁ-ପ୍ରଭାବ ପରିବାରର ସୁଖ, ସମୃଦ୍ଧି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସମସ୍ୟାର ସମାଧାନ ପାଇଁ ଜାଣନ୍ତୁ କିଛିଟା ସରଳ ବାସ୍ତୁ ଟିପ୍ସ...

* ରୋଷେଇ ଘର କୋଣରେ ତମ୍ବା ପାତ୍ରରେ ଗଙ୍ଗାଜଳ ରଖିବା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି।

* ଘରର ଉତ୍ତର-ପୂର୍ବ ଦିଗରେ ମା' ଲକ୍ଷ୍ମୀଙ୍କ ଫଟୋ ଲଗାଇ ନିୟମିତ ପୂଜାର୍ଚ୍ଚନା କଲେ ସୁଖସମୃଦ୍ଧି ବୃଦ୍ଧି ପାଏ।

* ଉତ୍ତର ଦିଗରେ ଶୁଆ ଫଟୋ ଲଗାଇବା ବି ଶୁଭ। ଏହା ପିଲାଙ୍କ ଏକାଗ୍ରତା ବଢ଼ାଇବାରେ ସହାୟକ ହୋଇଥାଏ।

* ଘରର ମୁଖିଆ ନିୟମିତ ଭଗବାନ ଶିବ ଓ ଚନ୍ଦ୍ର ଦେବଙ୍କର ମନ୍ତ୍ର ଉଚ୍ଚାରଣ କଲେ ସୁଖ, ଶାନ୍ତି ବୃଦ୍ଧିପାଏ ବୋଲି ବିଶ୍ୱାସ ରହିଛି।

* ପୂର୍ବମୁଖୀ ଘରର ମୁଖ୍ୟଦ୍ୱାରରେ ସୂର୍ଯ୍ୟଯନ୍ତ୍ର ସ୍ଥାପନା କରି ପୂଜା କଲେ ପରିବାରର ଶୁଭ ହୁଏ।

* ଘରର ମଧ୍ୟଭାଗରେ ଯେତେ କମ୍ ଜିନିଷ ରଖିବେ ସେତେ ଭଲ। ନଚେତ୍ ଏହା ଘର ମଧ୍ୟକୁ ପ୍ରବେଶ କରୁଥିବା ସକାରାତ୍ମକ ଉର୍ଜାକୁ ବାଧା ଦେଇଥାଏ।

* ଦର୍ପଣକୁ ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାଇଲେ ଆୟ ଓ ଧନ ବୃଦ୍ଧି ପାଇଥାଏ।

* ଘରର ମୁଖ୍ୟ ଦ୍ୱାରରେ କଳା ଘୋଡ଼ାର ନାଲ ଲଗାଇବା ବି ଶୁଭଫଳ ଦେଇଥାଏ।

* ରୋଷେଇ ଘର ଏବଂ ବାଥ୍‌ରୁମ୍ ସାମ୍ନାସାମ୍ନି ରହିବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ପରିବାର ଲୋକଙ୍କର ବାରମ୍ବାର ଦେହ ଖରାପ ହୁଏ ବୋଲି ବିଶ୍ୱାସ ରହିଛି।

* କାଚ ବାଉଲ୍‌ରେ ଲୁଣ ନେଇ ବାଥ୍‌ରୁମ୍‌ରେ ରଖିଲେ ନକାରାତ୍ମକ ଶକ୍ତି ଦୂର ହୁଏ।

# ହକି ଏସିଆ କପ୍ ପାଇଁ ଭାରତୀୟ ଟିମ୍ ଘୋଷିତ



ନୂଆଦିଲ୍ଲୀ: ବିହାରର ରାଜଗିରିରେ ହେବାକୁ ଥିବା ପୁରୁଷ ଏସିଆ କପ୍ ପାଇଁ ହକି ଇଣ୍ଡିଆ ବୁଧବାର ୧୮ ଜଣିଆ ଭାରତୀୟ ଟିମ୍ ଘୋଷଣା କରିଛି । ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏହାର ବିଜେତା ଟିମ୍ ଆସନ୍ତାବର୍ଷ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲ୍‌ଜିୟମ୍ ଓ ନେଦରଲାଣ୍ଡ୍‌ରେ ଆୟୋଜିତ ହେବାକୁ ଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ମିଳିବ । ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତାଇଥିବା ଡ୍ରାଗ୍‌ଫ୍ଲିକର୍ ହରମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଟିମ୍‌ରେ ଦୁଇଜଣ ଓଡ଼ିଆ ଖେଳାଳି ଫରୱାର୍ଡ ଶିଳାନନ୍ଦ ଲାକ୍ରା ଓ ଡିଫେଣ୍ଡର ଅମିତ ରୋହିଦାସଙ୍କୁ ଟିମ୍‌ରେ ସୁଯୋଗ ମିଳିଛି । ଅନ୍ୟ ଜଣେ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀବ ଖେସ୍‌ଙ୍କୁ ଷ୍ଟାଣ୍ଡ୍‌ବାଇ ଭାବେ ରଖାଯାଇଛି । ଅଷ୍ଟ୍ରେଲିଆ ଗସ୍ତରେ ଟିମ୍‌ର ସଦସ୍ୟ ଥିବା ଶିଳାନନ୍ଦ ଲାକ୍ରା ନିକଟରେ ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା କରିଥିବା ଲଳିତ ଉପାଧ୍ୟାୟଙ୍କ ସ୍ଥାନରେ ଟିମ୍‌ରେ ସାମିଲ କରାଯାଇଛି । ସେହିପରି ରାଜିନ୍ଦରଙ୍କୁ ଶମଶେର୍ ସିଂହଙ୍କ ସ୍ଥାନରେ ମନୋନୀତ କରାଯାଇଥିବା ବେଳେ ଦିଲ୍‌ପ୍ରୀତ୍‌ଙ୍କୁ ଗୁରଜନ୍ତ ସିଂହଙ୍କ ସ୍ଥାନରେ ସୁଯୋଗ ମିଳିଛି । କୃଷ୍ଣ ବାହାଦୁର ପାଠକ ଏବଂ ସୂରଜ କେର୍‌କେଟାଙ୍କୁ ଗୋଲ୍‌କିପର୍ ଦାୟିତ୍ୱ ପ୍ରଦାନ କରାଯାଇଛି । କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ଏବଂ ଅମିତ ରୋହିଦାସଙ୍କ ସହ ଜରମନ୍‌ପ୍ରୀତ୍ ସିଂହ, ସୁମିତ, ସଞ୍ଜୟ ଓ ଜୁଗରାଜ ସିଂହ ଟିମ୍‌ର ଡିଫେନ୍ସ ଲାଇନ୍ ସମ୍ଭାଳିବେ । ମିଡ୍‌ଫିଲ୍ଡରେ ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରାଜିନ୍ଦର ସିଂହ, ରାଜକୁମାର ପାଲ୍ ଏବଂ ହାର୍ଦ୍ଦିକ ସିଂହ ହେବେ । ମନଦୀପ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା ଓ ଦିଲ୍‌ପ୍ରୀତ୍ ଫରୱାର୍ଡ ଲାଇନ୍ ସମ୍ଭାଳିବେ । ନୀଲମ ସଞ୍ଜୀବ ଖେସ୍‌ଙ୍କ ସହ ସେଲ୍‌ଭମ୍ କାର୍ତ୍ତିଙ୍କୁ ଷ୍ଟାଣ୍ଡ୍‌ବାଇରେ ରଖାଯାଇଛି । ଟିମ୍ ଚୟନ ସମ୍ପର୍କରେ ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି, 'ଆମେ ଏକ ଅନୁଭବୀ ଟିମ୍ ଚୟନ କରିଛୁ । ବିଶ୍ୱକପ୍ କ୍ୱାଲିଫିକେସନ୍‌କୁ ଦୃଷ୍ଟିରୁ ଏସିଆ କପ୍ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବ । ତେଣୁ ଚାପରେ ଉନ୍ନତ ପ୍ରଦର୍ଶନ କରୁଥିବା ଖେଳାଳି ଆମକୁ ଦରକାର ।' ଭାରତୀୟ ଟିମ୍ ଚୀନ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ଅଗଷ୍ଟ ୨୯ରେ ଖେଳାଯିବ । ଏହାପରେ ଟିମ୍ ଜାପାନ ଏବଂ କଜାଖସ୍ତାନ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବ । ଏହାପରେ ଉଭୟ ଟିମ୍‌ର ଶୀର୍ଷ ଦୁଇଟି ଲେଖାଏଁ ଟିମ୍‌କୁ ନେଇ ସୁପର୍-୪ ରାଉଣ୍ଡ୍ ଖେଳାଯିବ । ଦିନକୁ ପୂର୍ବରୁ ପାକିସ୍ତାନ ଓ ଓମାନ୍ ଏହି ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିନେଇଥିଲେ । ଏପରି ସ୍ଥିତିରେ ବାଂଲାଦେଶ ଓ କଜାଖସ୍ତାନକୁ ସୁଯୋଗ ଦିଆଯାଇଛି । କଜାଖସ୍ତାନ ଟିମ୍ ଚୀନ୍, ଜାପାନ ସହ ପୁଲ୍-ଏ'ରେ ସ୍ଥାନ ପାଇଛି ।

ଭାରତୀୟ ଟିମ୍: ଗୋଲ୍‌କିପର୍- କୃଷ୍ଣ ବାହାଦୁର ପାଠକ ଓ ସୂରଜ କେର୍‌କେଟା । ଡିଫେଣ୍ଡର୍- ହରମନ୍‌ପ୍ରୀତ୍ ସିଂହ, ଅମିତ ରୋହିଦାସ, ଜରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ ଓ ଜୁଗରାଜ ସିଂହ । ମିଡ୍‌ଫିଲ୍ଡର- ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରାଜିନ୍ଦର ସିଂହ, ରାଜକୁମାର ପାଲ୍ ଓ ହାର୍ଦ୍ଦିକ ସିଂହ । ଫରୱାର୍ଡ - ମନଦୀପ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା ଓ ଦିଲ୍‌ପ୍ରୀତ୍ ସିଂହ । ଷ୍ଟାଣ୍ଡ୍‌ବାଇ ଖେଳାଳି - ନୀଲମ୍ ସଞ୍ଜୀବ ଖେସ୍ ଓ ସେଲ୍‌ଭମ୍ କାର୍ତ୍ତି ।

## ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍

# ସୁରୁଚି-ସୌରଭ ଯୋଡ଼ିକୁ ମିକ୍ସଡ୍ ଟିମ୍ ଇଭେଣ୍ଟ ବ୍ରୋଞ୍ଜ୍



ନୂଆଦିଲ୍ଲୀ: କଜାଖସ୍ତାନର ଶ୍ୟାମକେଣ୍ଟ ସହରରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ଭାରତର ସୌରଭ ଚୌଧୁରୀ ଓ ସୁରୁଚି ଇନ୍ଦର ସିଂହଙ୍କ ଯୋଡ଼ି ୧୦ ମିଟର ଏୟାର୍ ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ଜିତିଛି । ଏହି ଯୋଡ଼ି ଚୀନା ତାଇପେଇ ଟିମ୍‌କୁ ୧୭-୯ରେ ହରାଇ ଏହି ଉପଲବ୍ଧି ହାସଲ କରିଛି । ଏହା ପୂର୍ବରୁ ଭାରତର ଷ୍ଟାର୍ ଶୁଟର୍ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର୍ ମହିଳା ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ୍ ପଦକ ଜିତିଥିଲେ । ସୌରଭ ଓ ସୁରୁଚି କ୍ୱାଲିଫିକେସନ୍‌ରେ ରାଉଣ୍ଡ୍‌ରେ ମୋଟ ୫୭୮ ପଏଣ୍ଟ ହାସଲ କରିବା ସହିତ ପଞ୍ଚମ ସ୍ଥାନରେ ରହି ମେଡାଲ୍ ରାଉଣ୍ଡ୍‌କୁ ଯୋଗ୍ୟତା ଅର୍ଜନ କରିଥିଲେ । ସୁରୁଚି ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସିରିଜ୍‌ରେ ପରଫେକ୍ଟ ୧୦୦ ପଏଣ୍ଟ ସ୍କୋର୍ କରିଥିଲେ । ତେବେ ଦ୍ୱିତୀୟ ସିରିଜ୍‌ରେ ତାଙ୍କ ପଏଣ୍ଟ ୯୪ ରହିଥିଲା ଏବଂ ତୃତୀୟ ସିରିଜ୍‌ରେ ସେ ୯୮ ପଏଣ୍ଟ ହାସଲ ସହ ପ୍ରତ୍ୟାବର୍ତ୍ତନ କରିଥିଲେ । ଅନ୍ୟପକ୍ଷରେ ସୌରଭ ତିନି ସିରିଜ୍‌ରେ ଯଥାକ୍ରମେ ୯୫, ୯୬ ଓ ୯୫ ପଏଣ୍ଟ ସ୍କୋର୍ କରିଥିଲେ । ଦୁହେଁ ମିଶି କ୍ୱାଲିଫିକେସନ୍ ରାଉଣ୍ଡ୍‌ରେ ୫୭୮ ପଏଣ୍ଟ ସହ ଆଠ ଟିମ୍‌ର ପଦକ ରାଉଣ୍ଡ୍‌ରେ ସ୍ଥାନ ପକ୍କା କରିଥିଲେ । ୧୭ ବର୍ଷୀୟା ସୁରୁଚି ଚଳିତ ସିଜନ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି । ଚଳିତ ବର୍ଷ ସେ ଚାରିଟି ବିଶ୍ୱକପ୍ ପଦକ ଜିତିଛନ୍ତି ଏବଂ ଏହି ଚାମ୍ପିଅନ୍‌ଶିପ୍‌ରେ ମଧ୍ୟ ନିଜ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

# ବ୍ରସେଲ୍ସ ଡାଏମଣ୍ଡ୍ ଲିଗ୍‌ରେ ଭାଗ ନେବେନି ନୀରଜ

ନୂଆଦିଲ୍ଲୀ,: ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ନୀରଜ ଚୋପ୍ରା ଅଗଷ୍ଟ ୨୨ରେ ବେଲ୍‌ଜିୟମ୍‌ର ବ୍ରସେଲ୍ସରେ ହେବାକୁ ଥିବା ଡାଏମଣ୍ଡ୍ ଲିଗ୍‌ର ଅନ୍ତିମ ରାଉଣ୍ଡ୍‌ରେ ଭାଗ ନେବେ ନାହିଁ । ନୀରଜ ଡାଏମଣ୍ଡ୍ ଲିଗ୍ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଏହି ରାଉଣ୍ଡ୍‌ରୁ ଓହରି ଯାଇଛନ୍ତି । ଡାଏମଣ୍ଡ୍ ଲିଗ୍ ସିରିଜ୍‌ରେ ଚଳିତ ଥର ମୋ ୧୪ ପ୍ରତିଯୋଗିତା ହେଉଛି, ଯେଉଁଥିରୁ କେବଳ ୪ଟିରେ ପୁରୁଷ ଜାଭେଲିନ୍ ଥ୍ରୋୟର୍ ସାମିଲ ଅଛନ୍ତି । ନୀରଜ ଏହା ମଧ୍ୟରୁ ଦୁଇଟିରେ ଭାଗନେଇ ୧୫ ପଏଣ୍ଟ ସହ ଜୁରିକ୍‌ରେ ଅଗଷ୍ଟ ୨୮ରେ ହେବାକୁ ଥିବା ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି । ଏହା ପୂର୍ବରୁ ଅଗଷ୍ଟ ୧୬ରେ ସିଲେସିୟା ରାଉଣ୍ଡ୍‌ରେ ମଧ୍ୟ ଭାଗ ନେଇନଥିଲେ । ବ୍ରସେଲ୍ସ ରାଉଣ୍ଡ୍ ପରେ ୬ ଖେଳାଳି ଜୁରିକ୍ ଡାଏମଣ୍ଡ୍ ଲିଗ୍ ଫାଇନାଲ୍ସରେ ଭାଗନେବେ । ୨୭ ବର୍ଷୀୟ ନୀରଜ ଚଳିତ ସିଜନ୍ ଦୋହା ଡାଏମଣ୍ଡ୍ ଲିଗ୍‌ରୁ ଆରମ୍ଭ କରିଥିଲେ । ସେଠାରେ ସେ ୯୦.୨୩ ମିଟର ଥ୍ରୋ କରି ୯୦ ମିଟର ମାର୍କ ପାର କରିଥିଲେ । ତେବେ ଜର୍ମାନୀର ଜୁଲିୟନ୍ ୱେବର୍‌ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏହାପରେ ପ୍ୟାରିସ୍ ଡାଏମଣ୍ଡ୍ ଲିଗ୍‌ରେ ନୀରଜ ୮୮.୧୬ ମିଟର ଥ୍ରୋ ସହିତ ଟାଇଟଲ୍ ନିଜ ନାମରେ କରିଥିଲେ । ଶେଷଥର ପାଇଁ ସେ ଜୁଲାଇ ୫ରେ ବେଙ୍ଗାଲୁରୁରେ ଆୟୋଜିତ ଏନ୍‌ସି କ୍ଲାସିକ୍‌ରେ ଭାଗ ନେଇଥିଲେ । ୮୬.୧୮ ମିଟର ପ୍ରୟାସ ସହ ସେ ଏନ୍‌ସି କ୍ଲାସିକ୍‌ରେ ବିଜୟୀ ହୋଇଥିଲେ । ଚଳିତ ସିଜନ୍‌ରେ ନୀରଜ ବର୍ତ୍ତମାନ ସୁଦ୍ଧା ଛଅଟି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଚାରିଟିରେ ଟାଇଟଲ୍ ଜିତିଛନ୍ତି ଏବଂ ଦୁଇଟିରେ ଉପବିଜେତା ହୋଇଛନ୍ତି । ତେବେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଟୋକିଓରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ନିଜ ଟାଇଟଲ୍ ଡିଫେଣ୍ଡ୍ କରିବା ନୀରଜ ପାଇଁ ବଡ଼ ଆହ୍ୱାନ ହେବ ।

## ପଦ୍ମଶ୍ରୀ ପାଇଁ ମନୁ ଭାକରଙ୍କ ନାମ ସୁପାରିସ



ନୂଆଦିଲ୍ଲୀ: ଷ୍ଟାର୍ ମହିଳା ଶୁଟର୍ ମନୁ ଭାକରଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ସୁପାରିସ କରାଯାଇଛି । ଖେଳ ମନ୍ତ୍ରଣାଳୟ ସୂତ୍ରରୁ ଏହି ସୂଚନା ମିଳିଛି । ୨୩ ବର୍ଷୀୟା ଶୁଟର୍ ଚାରିଦିନ ତଳେ ଦେଶର ଚତୁର୍ଥ ସର୍ବୋଚ୍ଚ ପୁରସ୍କାର ପାଇଁ ଆବେଦନ କରିଛନ୍ତି । ଗତବର୍ଷ ଏହି ପୁରସ୍କାର ମହାନ୍ ସ୍ପିନର୍ ଆର୍. ଅଶ୍ୱିନ ଏବଂ ପୂର୍ବତନ ହକି ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ୍‌ଙ୍କୁ ମିଳିଥିଲା । ମନୁଙ୍କୁ ଚଳିତବର୍ଷ ଜାନୁଆରୀ ୧୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରିଥିଲେ । ମନୁ ଭାକର ଗଗତବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ପ୍ୟାରିସ୍ ଅଲିମ୍ପିକ୍‌ରେ ଡବଲ୍ ପଦକ ଜିତିଥିଲେ । ସେ ବ୍ୟକ୍ତିଗତ ୧୦ ମିଟର ଏୟାର୍ ପିସ୍ତଲ ଏବଂ ମିକ୍ସଡ୍ ଡବଲ୍ସରେ ତୃତୀୟ ସ୍ଥାନରେ ରହିଥିଲେ । ତାଙ୍କୁ ଦୁଇଟି ପଦକ ଦମ୍‌ରେ ଭାରତ ପ୍ୟାରିସ୍ ଅଲିମ୍ପିକ୍‌ରେ ମୋଟ ୬ ପଦକ ଜିତିଥିଲା ।

ମନୁ ଗତବର୍ଷ ମଧ୍ୟ ପଦ୍ମଶ୍ରୀ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଏହି ପୁରସ୍କାର ମିଳିନଥିଲା । ସେତେବେଳେ ଖେଳ ମନ୍ତ୍ରଣାଳୟ ଏହି ପୁରସ୍କାର ପାଇଁ ପିଆର୍ ଶ୍ରୀଜେଶ୍ ଏବଂ ପୂର୍ବତନ କ୍ରିକେଟର୍ ଆର୍. ଅଶ୍ୱିନଙ୍କ ନାମ ସୁପାରିସ କରିଥିଲା । ବିବାଦ ହେବାରୁ ମନୁ ଭାକରଙ୍କୁ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**